


### ୨୯ ବର୍ଷ ପରେ ବି ପ୍ରତିଷ୍ଠାତାଙ୍କ ସ୍ୱପ୍ନ ଅଧୁରା

# କାମରେ ଲାଗୁନି ଏକମାତ୍ର ସରକାରୀ ଚକ୍ଷୁ ଚିକିତ୍ସାଳୟ

- ଫାଇଦା ନେଇ ଶୋଷଣ କରୁଛନ୍ତି ଘରୋଇ ହସ୍ପିଟାଲ
- ମାସିକ ୧୦ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ସତ୍ତ୍ୱେ ଚକ୍ଷୁ ଅପରେସନ ଶୂନ୍

**ଭଦ୍ରକ, ୧୫ ।୩(ସମିସ)**

ଭଦ୍ରକ ଜିଲ୍ଲା ସଦର ମହକୁମା ସାଳନ୍ଦୀ ବାଇପାସ୍ ଛକରେ ରହିଛି ରାଘବାନନ୍ଦ ସରକାରୀ ଚକ୍ଷୁ ଚିକିତ୍ସାଳୟ। ଅନ୍ୟ ଜିଲ୍ଲାମାନଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଏହି ସରକାରୀ ଚକ୍ଷୁ ଚିକିତ୍ସାଳୟଟି ଦୀର୍ଘ ୨୯ ବର୍ଷ ହେବ ଭଦ୍ରକରେ ଚାଲିଛି। ଏହି ରାଘବାନନ୍ଦ ସରକାରୀ ଚକ୍ଷୁ ଚିକିତ୍ସାଳୟର ଇତିହାସ ହେଲା ଭଦ୍ରକର ପ୍ରତିଷ୍ଠିତ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ଦେବେନ୍ଦ୍ରନାଥ ଦାସ ତାଙ୍କ ଭଦ୍ରକ ସହର ବାଇପାସ୍ ସ୍ଥିତ ନିଜ ଘର ବିଲଡିଂ ଓ ମୂଲ୍ୟବାନ ଜମିକୁ ସରକାରଙ୍କୁ ଦାନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ବେଳେ ଦେବେନ୍ଦ୍ର ବାବୁ ସହରରେ ଥିବା ତାଙ୍କ ଘର ଓ କ୍ଲିନିକ୍ ବିଲଡିଂ ସହ ମୋଟ ପ୍ରାୟ ୮୫ ଡେସିମିଲ ବହୁ ମୂଲ୍ୟବାଦ ଜମିକୁ ସରକାରଙ୍କୁ ଦାନ କରିଥିଲେ। ତାଙ୍କର ଅଭିଳାଷ ଥିଲା, ଭଦ୍ରକ ଜିଲ୍ଲାର ଗରିବ ଗୁରୁବା ଚକ୍ଷୁରୋଗୀଙ୍କୁ ମାଗଣା ଓ ସହଜରେ ତାଙ୍କ ଅନ୍ତେ ଚିକିତ୍ସା ମିଳୁ। ଜମି ଓ ଘର ଦାନ ବେଳେ ଦେବେନ୍ଦ୍ରବାବୁ କିଛି ସର୍ତ୍ତ ବି ରଖିଥିଲେ। ପ୍ରଥମଟି ହେଲା ତାଙ୍କ ପିତା ରାଘବାନନ୍ଦ ଦାସଙ୍କ ନାମରେ ସରକାରୀ ଚକ୍ଷୁ ଚିକିତ୍ସାଳୟଟିକୁ ନାମିତ କରିବା ଓ ତାଙ୍କ କ୍ଲିନିକ୍‌ରେ କାମ କରୁଥିବା କିଛି ଷ୍ଟାଫ୍‌ଙ୍କୁ ନିଯୁକ୍ତି ଦେବା। ସରକାର ତାଙ୍କ ସର୍ତ୍ତ ମଧ୍ୟ ମାନିବା ପରେ ୧୯୯୫ ମସିହାରେ ଏହାକୁ ସରକାରୀ ଚକ୍ଷୁ ଚିକିତ୍ସାଳୟ ବା ଏରିଆ ହସ୍ପିଟାଲର ମାନ୍ୟତା ମିଳିଥିଲା। ପରେ ଏହି ଚକ୍ଷୁ ଚିକିତ୍ସାଳୟରେ ଚକ୍ଷୁ ବିଶେଷଜ୍ଞ, ଅଫଥାଲମୋଲୋଜିଷ୍ଟ ଆସିଷ୍ଟାଣ୍ଟ ବା ଚକ୍ଷୁ ସହାୟକ, ଷ୍ଟାଫ୍ ନର୍ସ, ଆଟେଣ୍ଡାଣ୍ଟ, ସୁଇପର ଓ ଜଣେ ୱାଚ୍‌ମ୍ୟାନ ଆଦି ପଦବୀକୁ ସରକାର ମଞ୍ଜୁର କରିଥିଲେ। ପରେ ଗତ ୨୦୦୧ରେ ୨୦ଶଯ୍ୟା ବିଶିଷ୍ଟ ନୂତନ କୋଠାଘର ଶୁଭାରମ୍ଭ ହେଲା। ସ୍ୱତନ୍ତ୍ର ଓଟି (ଅପରେସନ ଥିଏଟର) ସହ ୨୦ଟି ବେଡ୍‌ରେ ରୋଗୀ ରହିବାକୁ ବ୍ୟବସ୍ଥା ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ, ଦୀର୍ଘ ୨୯ ବର୍ଷର ଏହି ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସାଳୟରେ ରୋଗୀଙ୍କ ସେବା ଉପଲବ୍ଧ ହେଉନି, କି କାମରେ ଲାଗୁନି। କେବଳ 'ର' 'ଠ'ରେ ଏହି ହସ୍ପିଟାଲ ଚାଲିଛି। ଏହି ସ୍ୱତନ୍ତ୍ର ଚକ୍ଷୁ ଚିକିତ୍ସାଳୟରେ ଜଣେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସନ୍ତୋଷ ସିଂଙ୍କୁ ଇନ୍‌ଚାର୍ଜ ବା ଅଧିକାରୀ ଭାବେ କାର୍ଯ୍ୟଭାର ଦିଆଯାଇଛି। ସେହିଭଳି ଅନ୍ୟଜଣେ ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସକ ଡାକ୍ତର ପ୍ରଦୀପ ଖୁଣ୍ଟିଆଙ୍କୁ ମଧ୍ୟ ୪ବର୍ଷ ତଳେ ପୁନଃ ନିଯୁକ୍ତି ମିଳିଛି। ସେହିଭଳି ଚକ୍ଷୁ ବିଶେଷଜ୍ଞ ଡାକ୍ତର ରମାକାନ୍ତ



ସାହୁ ଓ ଡାକ୍ତର ସମୀର କୁମାର ଦାସଙ୍କୁ ସରକାର ୪ମାସ ହେବ ନିଯୁକ୍ତି ଦେଇଛନ୍ତି। ଅନ୍ୟପକ୍ଷରେ ୧ଜଣ ଚକ୍ଷୁ ସହାୟକ, ୨ଜଣ ଷ୍ଟାଫ୍ ନର୍ସ, ୨ ଅଟେଣ୍ଡାଣ୍ଟ, ଜଣେ ୱାଚ୍‌ମ୍ୟାନ, ଜଣେ ସୁଇପର ସେଠାରେ କାର୍ଯ୍ୟ କରୁଛନ୍ତି। ମିଳିଥିବା ସୂଚନାନୁଯାୟୀ, ମାସିକ ୧୦ଲକ୍ଷ ଟଙ୍କାରୁ ଅଧିକ ଏହି ଡାକ୍ତରଖାନାରେ ଦରମା ବାବଦକୁ ସରକାର ପ୍ରତିମାସରେ ବ୍ୟୟ କରୁଛନ୍ତି। ଆଉ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଯନ୍ତ୍ରାଂଶ ପଡ଼ି ଖତ ଖାଉଛି। ତେବେ ଆଶ୍ଚର୍ଯ୍ୟର କଥା, ଏହି ଚିକିତ୍ସାଳୟଟି ଲୋକଙ୍କ ଚକ୍ଷୁ ଅପେରେସନ୍ ଶୂନ୍ ଅର୍ଥାତ କରାଯାଉନାହିଁ। ଜିଲ୍ଲା ଅନ୍ଧତ୍ୱ ଦୂରୀକରଣ ଯୋଜନା (ଡିପିସିଏସ୍) ଯୋଜନା ସହ ଅନ୍ୟନ୍ୟ ସରକାରୀ ଯୋଜନା ଗୁଡିକ ମଧ୍ୟ ପୂରା ଫେଲ୍ ମାରିଛି। ଡାକ୍ତରଖାନା ରେକର୍ଡକୁ ଅନୁଧ୍ୟାନ କଲେ ମାତ୍ର ଆଙ୍ଗୁଳି ଗଣତି କେତେକ ରୋଗୀଙ୍କ ଚକ୍ଷୁ ଅପରେସନ ହୋଇଥିବା କଥା କର୍ତ୍ତୃପକ୍ଷ କହୁଥିବା ବେଳେ ଏହାର ବାସ୍ତବତା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଏହାର ଫାଇଦା ଏଠାକାର ଘରୋଇ ନର୍ସିଂହୋମକୁ ମିଳୁଛି। ଭଦ୍ରକର ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ବର୍ଷକୁ ୨ରୁ ଅଢେଇ ହଜାର ଚକ୍ଷୁ ଅପରେସନ (ମୁଖ୍ୟତଃ ମୋତିଆବିନ୍ଦୁ) କରିବାରେ ସକ୍ଷମ ହୋଇଛି। ସରକାରଙ୍କ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟର ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ଭଦ୍ରକ ଡାହାଣୀଗଡ଼ିଆ ସ୍ଥିତ ଭୂମିକା ଚକ୍ଷୁ ହସ୍ପିଟାଲରେ ଦୈନିକ ୪୦/୫୦ରୋଗୀଙ୍କ ଅପରେସନ୍ କରୁଛି। ପୁଣି ତ୍ରୁଟିପୂର୍ଣ୍ଣ ଅପରେସନ ପାଇଁ ନିକଟରେ ୬ଜଣ ଚକ୍ଷୁ ହରାଇବା ଘଟଣା ଘଟିଛି। ଏସମ୍ପର୍କରେ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଏଭଳି ସ୍ଥିତି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ରଙ୍କୁ ଏସମ୍ପର୍କରେ ପଚାରିବାରୁ, ସେ ବେସରକାରୀ ଚକ୍ଷୁ ଚିକିତ୍ସାଳରେ ଶହେଗୁଣ ଅଧିକ ଅସ୍ତ୍ରୋପଚାର ହେବା ନେଇ ସ୍ୱୀକାର କରିବା ସହ ଓ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟରେ ରୋଗୀଙ୍କ ଅପରେସନ ପାଇଁ ପଦକ୍ଷେପ ନିଆଯାଉଥିବା କହିଛନ୍ତି। ତେବେ ଏହି ସମୁଦାୟ ଘଟଣାକୁ ଅନୁଧ୍ୟାନ କଲେ, ଦୀର୍ଘ ୨୯ ବର୍ଷ ପରେ ବି ରାଘବାନନ୍ଦ ସରକାରୀ ଚକ୍ଷୁ ଚିକିତ୍ସାଳୟଟି ଲୋକଙ୍କ କାମରେ କାମରେ ଜମା ଲାଗୁନି ଓ ଏହାର ପ୍ରତିଷ୍ଠା ଲାଗି ନିଜର ବହୁ ମୂଲ୍ୟବାନ ଜମି, କୋଠା ଦାନ କରିଥିବା ଡାକ୍ତର ଦେବେନ୍ଦ୍ରନାଥ ଦାସଙ୍କ ସ୍ୱପ୍ନ ଯେ, ପୂରଣ ହୋଇନି ଏକଥା ଉପରୋକ୍ତ ତଥ୍ୟରୁ ସ୍ୱତଃ ପ୍ରମାଣିତ ହେଉଛି।

## ସୂର୍ଯ୍ୟ ମନ୍ଦିରର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ଅସୁରାଳି, ୧୫ ।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତର କଲ୍ୟାଣୀ ଗ୍ରାମରେ ଚୈତ୍ର ମାସ ୩ ଦିନ ଠାରୁ ଆରମ୍ଭ କରି ୩ ଦିନ ବ୍ୟାପୀ ସୂର୍ଯ୍ୟ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପୂଜା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ, ଦ୍ୱିତୀୟ ଦିବସରେ ବିଗ୍ରହ ମାନଙ୍କର ପୂଜା ବିଧି ସହିତ ଯଜ୍ଞାରମ୍ଭ କରାଯିବ ବୋଲି ମନ୍ଦିର ପ୍ରତିଷ୍ଠାତା ଶ୍ରୀନିବାସ ନାୟକ ସୂଚନା ଦେଇଛନ୍ତି। ତୃତୀୟ ଦିବସ ତଥା ଅନ୍ତିମ ଦିନରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ସ୍ଥିରୀକୃତ କରାଯାଇଛି। ସୂର୍ଯ୍ୟ ଦେବ ହେଉଛନ୍ତି ସକଳ ଶକ୍ତିର ଆଧାର। ତାଙ୍କର ଶକ୍ତି ଉତ୍ସରୁ ସମଗ୍ର ବିଶ୍ୱ ପରିଚାଳିତ। ସୂର୍ଯ୍ୟଙ୍କ ଉତ୍ସ ବିନା ସମଗ୍ର ଜନ ଜୀବନ ସ୍ତବ୍ଧ ହୋଇଯିବ। ଏଣୁ ସେହି ଶକ୍ତି ଉତ୍ସ ସର୍ବଦା ପୂଜନୀୟ। ଏହି ଦୃଷ୍ଟିରୁ କଲ୍ୟାଣୀ ନିବାସୀ ଶ୍ରୀନିବାସ ନାୟକଙ୍କ ପ୍ରଚେଷ୍ଟାରେ ସୂର୍ଯ୍ୟ ମନ୍ଦିର ର ବାର୍ଷିକ ଜନ୍ମୋତ୍ସବ ବହୁ ଆଧ୍ୟାତ୍ମିକ ଭାବ ସହିତ ପାଳନ ହେବାକୁ ଯାଉଛି।

## ତିହିଡ଼ି ସାମ୍ବାଦିକଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ

**ତିହିଡି, ୧୫ ।୩(ସମିସ):** ତିହିଡି ବ୍ଲକର ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକମାନଙ୍କୁ ପେନସନ, ପ୍ରଚଳିତ ସ୍ୱାସ୍ଥ୍ୟବୀମାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ



ସନ୍ତାନଙ୍କୁ ସାମିଲ କରିବା, ଅଧିସ୍ୱୀକୃତି କମିଟିର ପୁନର୍ଗଠନ ଆଦି ଦାବି ସମ୍ବଳିତ ସ୍ମାରକପତ୍ର ସାମ୍ବାଦିକଙ୍କ ପକ୍ଷରୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ବିଡିଓ ଜ୍ୟାତିର୍ମୟ କରଙ୍କ ସମେତ ସାମ୍ବାଦିକ ଅଭୟ ପତି, ଯଦୁମଣି ପାଣିଗ୍ରାହୀ, ପ୍ରଭାତ ରାଉଳ, ନାରାୟଣ କର, ଯଯାତିକେଶରୀ ଦାସ, ସୁବାସ ଦାସ, ରାମନାରାୟଣ ନାୟକ, ସଞ୍ଜୟ ଦାସ, ସଞ୍ଜିତ କୁମାର ବଳ ଓ ବିଭୂତିଭୂଷଣ ଗ୍ରହାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାରେ ବୈଧ ଓ ମାପ ବିଭାଗ ସ୍ଥାଣୁ ଠକାମିରେ ଶିକାର ହେଉଛନ୍ତି ଖାଉଟି

**ଭଦ୍ରକ, ୧୫।୩(ସମିସ):** ନୂତନ ଖାଉଟି ସୁରକ୍ଷା ଆଇନ ୨୦୧୯ ଆସିବା ପରେ ଭଦ୍ରକ ଜିଲ୍ଲାରେ ଉପଭୋକ୍ତାମାନଙ୍କର ଅଭିଯୋଗ ଶୁଣାଣି ପ୍ରକ୍ରିୟା ଅତ୍ୟନ୍ତ ସହଜ ହୋଇଛି। ଫଳରେ ଜିଲ୍ଲା ଉପଭୋକ୍ତା କମିଶନରେ ଅଧିକ ସଂଖ୍ୟକ କେସ୍ ପଞ୍ଜିକୃତ ହେବା ସହ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଜିଲ୍ଲାରେ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଦିନକୁ ଦିନ ସ୍ଥାଣୁ ପାଲଟି ଯାଉଛି। ଫଳରେ କେବଳ ସଚେତନ ଖାଉଟିମାନେ ଏହି ନୂତନ ଆଇନ ବଳରେ ନିଜର ଅଧିକାରକୁ ସାବ୍ୟସ୍ତ କରିବାରେ ସକ୍ଷମ ହେଉଛନ୍ତି। କିନ୍ତୁ ଅଳ୍ପ ଶିକ୍ଷିତ, ଅପାଠୁଆ ଗ୍ରାହକମାନେ ଆଜି ଶୋଷଣର ଶିକାର ହେଉଥିବା ଦେଖାଯାଉଛି। ଆଉ ଏଥିପାଇଁ ଜିଲ୍ଲାରେ ଥିବା ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଅଧିକାରୀଙ୍କୁ ଦାୟୀ କରାଯାଉଛି। ଅନ୍ୟପଟେ ଏହି କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ରହିବା ଓ ଦୀର୍ଘଦିନ ଧରି ଏକ ପରିତ୍ୟକ୍ତ ଭଡାଘରେ ଅଫିସ ଚାଲିବା ଯୋଗୁଁ ଜିଲ୍ଲାରେ ଅନେକ ଖାଉଟି ଶୋଷଣର ଶିକାର ହେଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ବିଗତ ବର୍ଷମାନଙ୍କରେ ଏହି ବିଭାଗ ଦ୍ୱାରା ବିଭିନ୍ନ ପେଟ୍ରୋଲ ପମ୍ପ ଓ ସୁନା ଦୋକାନରେ ହୋଇଥିବା ଚଢ଼ଉର ତଥ୍ୟକୁ ଅନୁଧ୍ୟାନ କଲେ ଲାଗୁଛି ଜିଲ୍ଲାବାସୀଙ୍କ ଠାରୁ ଅନେକ ଅସାଧୁ ବ୍ୟବସାୟୀ କୋଟି କୋଟି ଟଙ୍କାର ଲୁଟ୍ କରୁଥିବାବେଳେ ମାତ୍ର ହାତଗଣତି କେଇଜଣଙ୍କୁ ଧରି ନାମକୁ ମାତ୍ର ଫାଇନ କରାଯାଉଛି। ଯାହା ସମୁଦ୍ରର ଶଙ୍ଖେ ପାଣି ସଦୃଶ।

ସୂଚନା ମୁତାବକ, ୨୦୧୮-୧୯ରୁ ୨୦୨୨-୨୩ ମଧ୍ୟେ ଜିଲ୍ଲା ବୈଧ ମାପ ବିଜ୍ଞାନ ଅଧିକାରୀ ମାତ୍ର ୧୯ ଥର ବିଭିନ୍ନ ସୁନା ଦୋକାନରେ ଚଢ଼ଉ କରିଛନ୍ତି। ମାପରେ ହେରଫେର କରିଥିବା ଜଣାପଡ଼ିବା ପରେ ଜଣେ ବ୍ୟବସାୟୀଙ୍କୁ ୮ ହଜାର ଟଙ୍କା, ଅନ୍ୟ ଜଣେ ବ୍ୟବସାୟୀଙ୍କୁ ୫ହଜାର ଟଙ୍କା ଫାଇନ କରାଯାଇଥିବା ବେଳେ ବାକି ବ୍ୟବସାୟୀଙ୍କ ଉପରେ ୨ହଜାର ଟଙ୍କାରୁ କମ୍ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। କିନ୍ତୁ ସେମାନଙ୍କର ମାପ ହେରଫେର ଯୋଗୁଁ ଗ୍ରାହକ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିଛନ୍ତି। ସେହିପରି ୨୦୧୮ରୁ ୨୦୨୩ ମଧ୍ୟରେ ମାତ୍ର ୨୬ଥର ବିଭିନ୍ନ ପେଟ୍ରୋଲ ପମ୍ପ ଉପରେ ଚଢ଼ଉ କରାଯାଇଛି। ଦୈନିକ ଶହ ଶହ ଲୋକ ପେଟ୍ରୋଲ ପମ୍ପ ଉପରେ ନିର୍ଭରଶୀଳ ଥିବାବେଳେ ପ୍ରତ୍ୟେକଙ୍କୁ ମାପ ହେରଫେର ଅଭିଯୋଗରେ ମାତ୍ର ୫ହଜାର ଟଙ୍କା ଫାଇନ କରି ଛାଡି ଦିଆଯାଇଛି। ଏହି ତଥ୍ୟକୁ ଦେଖିଲେ ଲାଗୁଛି ଜିଲ୍ଲାରେ ଓଜନ ଓ ମାପ ହେରଫେର ବ୍ୟାପକ ଭାବେ ଚାଲୁଛି। କିନ୍ତୁ ପ୍ରଶାସନ ଏହାକୁ ଅତ୍ୟନ୍ତ ହାଲୁକା ଭାବରେ ନେଇ ଗ୍ରାହକଙ୍କୁ ଲୁଟି ହେବାକୁ ଛାଡିଦେଇଛି।

## ସାମ୍ବାଦିକଙ୍କୁ ସୁରକ୍ଷା ଓ ପେନସନ ଦାବିରେ ବିକ୍ଷୋଭ



**ଭଦ୍ରକ, ୧୫ ।୩(ସମିସ):** ଭଦ୍ରକରେ ଓୟୁଜେ ଜିଲ୍ଲା ଶାଖା ପକ୍ଷରୁ ମହତାବଙ୍କ ପ୍ରତିମୂର୍ତ୍ତି ନିକଟରେ ସାମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବା ସହ ସାମ୍ବାଦିକମାନଙ୍କୁ ସମ୍ମାନ, ସୁରକ୍ଷା ଓ ପେନସନ ପ୍ରଦାନ କରିବାକୁ ଦାବି କରିଥିଲେ। ଆଜିର ଏଇ ପ୍ରତିବାଦ ସଭାରେ ଜିଲ୍ଲା ସଭାପତି ହରିହାର ନାୟକ, ସଧାରଣ ସଂପାଦକ ଗୌରହରି ନାୟକ, କାର୍ଯ୍ୟକାରୀ ସଭାପତି ପ୍ରୀୟଦର୍ଶନ ବୋଇତି, ସଂଗଠନ ସଂପାଦକ ଜଗବନ୍ଧୁ ବେହେରା, ରାଜ୍ୟ ସଂଘର ପୂର୍ବତନ ଉପସଭାପତି କିଷାନ ରାଉତ, ସଂଘର ଆଇନ ଉପଦେଷ୍ଟା ଅରୁଣ ମହାନ୍ତି, ଉପସଭାପତି ପାର୍ଥ ସାରଥୀ ନାୟକ, ଉପସଭାପତି ହେମନ୍ତ ସିଂହ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣ ଚନ୍ଦ୍ର ଜେନା, ସଂପାଦକ ଶାନ୍ତନୁ ପଣ୍ଡା, ସଂପାଦକ ଦେବାଶିଷ ମହାପାତ୍ର, ମିଡିଆ ସେଲ ଅଧ୍ୟକ୍ଷ ବୈକୁଣ୍ଠ ସାହୁ, କାର୍ଯ୍ୟକାରୀ ସଦସ୍ୟ ଦୀପ୍ତିରଂଜନ ସାହୁ, ବିପ୍ଳବ ହହୋତା, ଅସିତ ଓଝା, କୋଷାଧ୍ୟକ୍ଷ ନାରାୟଣ ବାରିକ, ଗଣେଶ ମହାନ୍ତି, ଲାଲା ଧୀରଂଜନ ରାୟ, ପ୍ରକାଶ ବାରିକ, ସନ୍ତୋଷ ଜେନା ପ୍ରମୁଖ ଯୋଗଦେଇଥିଲେ।

## ନ୍ୟାଯ୍ୟ ଦାବି ପାଇଁ କଳାବ୍ୟାଜ ପରିଧାନ



**ବାରିକପୁର, ୧୫ ।୩(ସମିସ):** ଉତ୍କଳ ସାମ୍ବାଦିକ ସଂଘ ଭଦ୍ରକ ଜିଲ୍ଲା ପକ୍ଷରୁ ବୟସ୍କ ସାମ୍ବାଦିକଙ୍କୁ ପେନସନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ୍ କରିବା ଏବଂ ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ନିୟମାନୁଯାୟୀ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ ସହିତ ପ୍ରେସ୍ ଏକାଡେମୀ ଗଠନ ଦାବିରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆଜି ଭଣ୍ଡାରିପୋଖରୀ ଠାରେ ପ୍ରତିବାଦ କରାଯାଇଛି। ଏନେଇ ଭଣ୍ଡାରିପୋଖରୀ ଠାରେ ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ମାନେ କଳାବ୍ୟାଜ ପରିଧାନ ପୂର୍ବକ ପ୍ରତିବାଦ କରିଥିଲେ। ଜିଲ୍ଲା ସଂଘର ସଭାପତି ରବିନାରାୟଣ ଖିଲାରଙ୍କ ସମେତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବରଞ୍ଜନ ବେହେରା, ପ୍ରକାଶ ମହାପାତ୍ର, ରାଜେନ୍ଦ୍ର ଶତପଥି, ଶ୍ୟାମସୁନ୍ଦର ମହାପାତ୍ର, ଦୁର୍ଯ୍ୟୋଧନ ଲେଙ୍କା, ମନୋରଞ୍ଜନ ମହାନ୍ତି, ଦେବାନନ୍ଦ ସେଠୀ, ଭଗବାନ ସାମଲ, ମନୋରଞ୍ଜନ ବାରିକ, ରାଜକିଶୋର ଜେନା, ମୃତ୍ୟୁଞ୍ଜୟ ସେନାପତି, ସନ୍ତୋଷ ଦାସ, ମନୋରଞ୍ଜନ ସେଠୀ, ଆକାଶ ଆଦିତ୍ୟ ବେହେରା, ସତ୍ୟବ୍ରତ ପ୍ରଧାନ, ଦେବୀପ୍ରସାଦ ବାରିକ, ତୁଷାରକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ● ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

## କୁହୁତାନ, ଆମ୍ବବଉଳ ଓ ଫଗୁରଙ୍ଗ ସହ ଆସେ ବସନ୍ତ

**ଭଦ୍ରକ, ୧୫ ।୩(ସମିସ):** ସହରର କଲ୍ୟାଣୀ ନଗରସ୍ଥିତ ଗୁରୁକୃପା ଭବନରେ ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଯାଇଛି। ଇଂ.ଅଭୟ ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଧରା ସୁବାସ ବସନ୍ତରାସ' ଶୀର୍ଷକ ଆଲୋଚନା ଚକ୍ରକୁ ଶିଶୁ ପତ୍ରିକା ଇଟିକିଲି ମିଟିକିଲିର ସମ୍ପାଦକ ଶରତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଅଧ୍ୟକ୍ଷ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦିଲ୍ଲୀପ ମହାନ୍ତି, ମୁଖ୍ୟବକ୍ତା ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ବିଶେଷ ଅତିଥି ନାଟ୍ୟଶ୍ରୀ ନିର୍ମଳ ରାଉତ, ସମ୍ମାନନୀୟ ଅତିଥି ସାହିତ୍ୟ ଆକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧ୍ୟାପକ ନୀହାର ରଞ୍ଜନ କର, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଶାନ୍ତନୁ ରାଉତ, ପୁରୁଷୋତମ ଧଳ ଓ ବାବୁଲାଲ ଦାସ ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇ ସେତେବେଳେ ବସନ୍ତ ରାସ କରେ, ଯେବେ କୁହତାନ, ଆମ୍ବବଉଳ, ଫଗୁଖେଳ ସହ ଦୋଳ ମେଳନ ହୁଏ। ସେତେବେଳେ ଲାଗେ ଯେପରି ଧରାରେ ସବୁଜିମା ସହ ସୁବାସ ଓ ମନଲୋଭା ସୁଲୁସୁଲୁ ବାଆ ଓ ପର୍ବ ପର୍ବାଣୀର ସମ୍ଭାର ନେଇ ଧରାରେ ଏକ ଆମୋଦ ପ୍ରମୋଦର ଋତୁ ଓହ୍ଲେଇ ଆସେ ଧରାବକ୍ଷରେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଓ ସଂଯୁକ୍ତା ବଳନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବସନ୍ତ କବିତା ଆସରରେ




ଡାକ୍ତର ମଦନମୋହନ ଦାଶ, ରମେଶଚନ୍ଦ୍ର ଦାସ, ବିପ୍ଳବି କବି ବିପ୍ଳବ ହୋତା, ସନ୍ତୋଷ କୁମାର ସାହୁ, ଜଗନ୍ନାଥ ନାୟକ, କୈଳାସ ଦାସ, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ନାଟ୍ୟକାର ଡ. ଅବନୀ ପ୍ରଧାନ, ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ, ଇଂ.ଦେବୀକିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ଅର୍ଜୁନଚରଣ ବାରିକ, ଅଂଶୁମାନ ସ୍ୱାଇଁ, ମନୋରଂଜନ ଦାସ, ମାନସ ରଂଜନ ପଣ୍ଡା, ବିଜୟ ବହଳୀ, ଭାବଗ୍ରାହି ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ୍ ଦାଶ, ସମ୍ପାଦକୀୟ ପାଠ କରିଥିଲେ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ, ସହସମ୍ପାଦୀୟ ମମତାରାଣୀ ଦାଶ ମଞ୍ଚ ପରିଚାଳନା ଓ ଶେଷରେ ଅଧ୍ୟାପକ ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅସରାଏ ବର୍ଷାରେ ବେହାଲ ବାସୁଦେବପୁର ସହର

## ବିପର୍ଯ୍ୟସ୍ତ ଡ୍ରେନ ବ୍ୟବସ୍ଥା; ସବୁଠି ପାଣି ବୁଡ଼ି ଆଣ୍ଠୁଏ

**ବାସୁଦେବପୁର, ୧୫ ।୩(ସମିସ):** ବାସୁଦେବପୁରରେ ଅଦିନିଆ ବର୍ଷା ହେବା ଫଳରେ ସହରରେ ସ୍ଥିତି ବେହାଲ ହୋଇପଡ଼ିଛି। ବିପର୍ଯ୍ୟସ୍ତ ଡ୍ରେନ ବ୍ୟବସ୍ଥା ପାଇଁ ବର୍ଷାପାଣି ଆଣ୍ଠୁଏ ଉଚାର ଜମି ରହିଥିବା ଦେଖିବାକୁ ମିଳିଛି। ସେ ଡାକ୍ତରଖାନା ହେଉ କି ତହସିଲ ଅବା ବ୍ଲକ କାର୍ଯ୍ୟାଳୟ ସମେତ ଅଚ୍ଚଳ ବିହାରୀ ହାଇସ୍କୁଲ, ପଶୁ ଚିକିତ୍ସା କେନ୍ଦ୍ର ଓ ସହରର ବିଭିନ୍ନ ସ୍ଥାନରେ ଡ୍ରେନେଜ ବ୍ୟବସ୍ଥା ବିଫଳ ପାଇଁ ପାଣି ଜମି ରହିଛି। ଏମିତିକି ସହରର ମୁଖ୍ୟ ରାସ୍ତା ହାଇସ୍କୁଲ ଛକ ସମେତ ଟ୍ରାଫିକ ଛକରେ ବର୍ଷାପାଣି ଲହଡି ଭାଙ୍ଗୁଛି। ସହରର ଅନେକ ଦୋକାନ ସମେତ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ପାଣି ପଶି ଯାଇଛି। ବିଶେଷ ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚାରିପାଖରେ ଆଣ୍ଠୁଏ ଉଚାର ପାଣି ଜମି ରହିଥିବା ବେଳେ ଲୋକମାନେ ହିନସ୍ତା ହେଉଥିବା ଦେଖିବାକୁ ମିଳିଛି। ଲୋକମାନେ ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଆସି ଆବର୍ଜନା ମୟ ବର୍ଷାପାଣିରେ ଘାଣ୍ଟି ହୋଇ ଅନେକ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆସିଛି। ହେଲେ ଏହାର ବିକାଶ ବଦଳରେ ବିନାଶ କରା ଯାଇଥିବାର ସ୍ପଷ୍ଟ ଚିତ୍ର ସାମାନ୍ୟ ବର୍ଷାରୁ ସାମନାକୁ ଆସିଛି। ସହରରେ ବସବାସ କରୁଥିବା ଅନେକ ଘର ଓ ରାସ୍ତାରେ ପାଣି ଜମି ରହିଥିବା ବେଳେ ପୌର ପ୍ରଶାସନ କାହିଁକି ଅବସ୍ଥାପିତ ରହିଛନ୍ତି ଯାହାକୁ ବିଭିନ୍ନ ମହଲରୁ ଆଜି ନିନ୍ଦା କରାଯାଇଛି। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଏହି ନିକଟରେ ଖର୍ଚ୍ଚ ସରିଛି। ହେଲେ ନିର୍ମାଣକାରୀ ସଂସ୍ଥା କାମ ସାରି ବିଦାୟ ବି ନେଇ ସାରିଛି। ତେବେ



ସହର ମଧ୍ୟରେ କେଉଁଠି ଡ୍ରେନ ଶେଷ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିନି। ଏହାସହିତ ପୌର ପ୍ରଶାସନ ପକ୍ଷରୁ ଡ୍ରେନ ସାରିବାର ତତ୍ପରତା ବି ଦେଖିବାକୁ ମିଳୁନି। ଫଳରେ ସହରବାସୀଙ୍କୁ ବିକାଶର ଦ୍ୱନ୍ଦ ବେଶ ଘାରିଛି। କାର୍ଯ୍ୟରତ ବିଭିନ୍ନ ବିଭାଗର ଅନଭିଜ୍ଞ ଯନ୍ତ୍ରୀ ଅବା ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ପାଇଁ ଏମିତି ସ୍ଥିତି ପଦାକୁ ଆସିଛି ବୋଲି ଅନେକ ମତବ୍ୟକ୍ତ କରିଛନ୍ତି। ଆଉ ବିଭିନ୍ନ ସ୍ଥାନରେ ମାତ୍ରାଧିକ ରାଜନୀତିରେ ଠିକାଦାରଙ୍କ ବଦଳରେ ଶାସକ ଦଳର କର୍ମୀମାନେ ବିକାଶର ମଙ୍ଗୁଆଳ ସାଜିଛନ୍ତି। ଫଳରେ ଅନୁଦାନ ରାଶିର ସିଂହ ଭାଗ ଅର୍ଥକୁ ପକେଟରେ ପକାଉଥିବା କାରଣରୁ ଏମିତି ସଙ୍ଗିନ ପରିସ୍ଥିତି ଦେଖା ଦେଉଛି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି। ବିକାଶର ନାରା ଦେଉଥିବା ସରକାରୀ କଳର ପାରିବା ପଣିଆ ଅସରାଏ ବର୍ଷାରୁ ସ୍ପଷ୍ଟ ବାରି ହୋଇପଡ଼ିଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହିତ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ଦୃଢ ନିନ୍ଦା କରିଛନ୍ତି।



## ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

# ୯୪୫୫ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ତାଲିମ

ଭଦ୍ରକ,୧୫ ।୩(ସମିସ)

ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ନିର୍ଦ୍ଧାରିତ କେନ୍ଦ୍ର ମାନଙ୍କରେ ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ସୂଚନା ଯୋଗ୍ୟ, ଜିଲ୍ଲାର ସମସ୍ତ ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳ ତଥା ପୌରାଞ୍ଚଳକୁ ମିଶାଇ ସମୁଦାୟ ୯୪୫୫ ଜଣ ପ୍ରିଜାଇଡିଂ ଏବଂ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ୧୫୭୭ ଜଣ ପ୍ରିଜାଇଡିଂ ଅଧିକାରୀ, ୧୫୭୩ ଜଣ ପ୍ରଥମ ପୋଲିଂ, ୧୫୭୬ ଜଣ ୨ୟ ପୋଲିଂ, ୧୫୭୭ ଜଣ ୩ୟ ପୋଲିଂ, ୧୫୭୬ ଜଣ ୪ର୍ଥ ଓ ୧୫୭୬ ଜଣ ୫ମ ପୋଲିଂ ଅଧିକାରୀ ଅଛନ୍ତି। ପୁଲିସ୍ କର୍ମଚାରୀ ବ୍ୟତୀତ ପ୍ରତି ବୁଥ ପାଇଁ ପୋଲିଂ ଟିମ୍‌ରେ ୬ ଜଣ ଅଧିକାରୀ ରହିବେ। ଜିଲ୍ଲାର ସମୁଦାୟ ୧୩୦୯ ବୁଥ ପାଇଁ ଆବଶ୍ୟକ ସଂଖ୍ୟା ତଥା ସଂରକ୍ଷିତ ରଖାଯାଉଥିବା ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ଟ୍ରେନିଂ କାର୍ଯ୍ୟକ୍ରମ ପାଇଁ ସୁପରଭାଇଜିଂ ଅଧିକାରୀ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ ବନ୍ତ ବ୍ଲକ୍‌ରେ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ ଭଣ୍ଡାରିପୋଖରୀ ବ୍ଲକ୍‌ରେ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ବାସୁଦେବପୁରରେ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦଉଡଚାନ୍ଦବାଲି ବ୍ଲକ୍‌ରେ, ଉପଜିଲ୍ଲାପାଳ ମନୋଜ ପାତ୍ର ଭଦ୍ରକ ବ୍ଲକ୍‌ରେ, ଏସିଡିଓ କୁଶଳ ଚନ୍ଦ୍ର ନାୟକ ତିହିଡ଼ି ବ୍ଲକ୍‌ରେ, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଧାମନଗର ବ୍ଲକ୍‌ରେ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟସୂଚୀର ସମସ୍ତ ପ୍ରକ୍ରିୟାକୁ ତଦାରଖ କରୁଛନ୍ତି। ବନ୍ତ ବ୍ଲକ୍‌ରେ କେସିଭିଏମ୍ ବନ୍ତ ଓ ବାଳିକା ହାଇସ୍କୁଲ ଆଗରପଡ଼ା, ଭଣ୍ଡାରିପୋଖରୀ ବ୍ଲକ୍‌ରେ ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଓ ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟ, ଭଦ୍ରକ ବ୍ଲକ୍‌ରେ ଡିଏଭି, ଫେକର ଓ ବିନାୟକ ଆବାସିକ ମହାବିଦ୍ୟାଳୟ, ବାସୁଦେବପୁର ବ୍ଲକ୍‌ରେ ଏବି ହାଇସ୍କୁଲ ଓ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ବାସୁଦେବପୁର, ଚାନ୍ଦବାଲି ବ୍ଲକ୍‌ରେ ମତୋ ହାଇସ୍କୁଲ, ଶାରଳା ହାଇସ୍କୁଲ ଓ ବାଳିକା ହାଇସ୍କୁଲ, ଧାମନଗର ବ୍ଲକ୍‌ରେ ଧାମନଗର ହାଇସ୍କୁଲ, ସରକାର ବାଳିକା ଉଚ୍ଚ ବିଦ୍ୟାଳୟ ଧାମନଗର, ତିହିଡ଼ି ବ୍ଲକ୍‌ରେ ସିଆରଏସ୍ ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲରେ ଏହି ପ୍ରଶିକ୍ଷଣ କେନ୍ଦ୍ର ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣ ପାଇଁ ପ୍ରତି ବ୍ୟାଚ୍‌ରେ ସର୍ବାଧିକ ୫୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ସାମିଲ କରାଯାଇଛି। ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ୧୭ ପର୍ଯ୍ୟନ୍ତ ଏବଂ କେବଳ ଗୋଟିଏ କେନ୍ଦ୍ରରେ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲୁ ରହିବା ନେଇ କାର୍ଯ୍ୟସୂଚୀରୁ ଜଣା ପଡ଼ିଛି। ଏହି କାର୍ଯ୍ୟକ୍ରମ ଆୟୋଜନ ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଡିଏଭି ଫେକରରେ ଆୟୋଜିତ ପ୍ରଶିକ୍ଷଣ କେନ୍ଦ୍ରକୁ ପରିଦର୍ଶନ କରି ପ୍ରଶିକ୍ଷଣର ଗୁରୁତ୍ୱ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହିତ ସାଧାରଣ ନିର୍ବାଚନ କାର୍ଯ୍ୟ ସମାପନରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନଙ୍କ ଗୁରୁଦାୟିତ୍ୱ ସମ୍ବନ୍ଧରେ ମଧ୍ୟ ସେ ପ୍ରକାଶ କରିଥିଲେ। ପ୍ରତ୍ୟେକ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହ ସମ୍ପାଦନ କଲେ ହିଁ ଗଣତନ୍ତ୍ରର ମତଦାନ ଭଳି ପବିତ୍ର କାର୍ଯ୍ୟ ସଫଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟରୁ ଡିଏଲ୍‌ଓ କାର୍ତ୍ତିକନାଥ ମଣ୍ଡଳ, ଡେପୁଟି କଲେକ୍ଟର ତନ୍ମୟ ଜେନା, ତନ୍ମିତା କର, ପ୍ରମିଳା ମଲ୍ଲିକ, ପ୍ରଜ୍ଞା ହୋତା, ଆସିଷ୍ଟାଂଟ କଲେକ୍ଟର ଚିତରଞ୍ଜନ ସେଠୀ, ଏଏଲ୍‌ଓ ସୁଧାଂଶୁ ମୋହନ ସ୍ୱାଇଁ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ଜୟନ୍ତ ସୋରେନ୍ ପ୍ରମୁଖଙ୍କ ସହ ଜିଲ୍ଲାର ସମସ୍ତ ବିଡିଓ ତହସିଲଦାର, ଅତିରିକ୍ତ ତହସିଲଦାର ରେଭିନ୍ୟୁ ସୁପର ଭାଇଜର, ଆରଆଇ, ପୌରପାଳିକା ଭଦ୍ରକରେ ନିର୍ବାହୀ ଅଧିକାରୀ, କେତେଜଣ ବିଇଓ, ପ୍ରଧାନ ଶିକ୍ଷକ, ସିଆରସିସି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଏଏଫ୍‌ଓ ଆଇପିଓ ଡିପିଏମ୍, ବିପିଏମ୍., ଡବ୍ଲ୍ୟୁଇଓ ଏବିଇଓ, ଏସ୍‌ଏସ୍‌ଏସ୍‌ଓ, ବିଏସ୍‌ଏସ୍‌ଓ, ଏଏଚ୍‌ଓ, ବିପିସି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଟ୍ରେନିଂ ପ୍ରଦାନ କରୁଛନ୍ତି।



## ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ





**ବାରିକପୁର,୧୫ ।୩(ସମିସ):** ଆଜି ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ବାଚନ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ କଲେଜ ଠାରେ ପ୍ରିଜାଇଡିଂ ଅଧିକାରୀ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁଲିଂ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିଭଳି ହାରାମଣି ବାଳିକା ବିଦ୍ୟାଳୟ ଠାରେ ଚତୁର୍ଥ ଓ ପଞ୍ଚମ ପୁଲିଂ ପାଇଁ ପ୍ରଶିକ୍ଷଣ ଦିଆଯାଇଛି। କଲେଜ ଠାରେ ୨୫୦ ଓ ସ୍କୁଲ ଠାରେ ୧୫୬ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ତହସିଲଦାର ସରୋଜକାନ୍ତ ନାୟକ, ବିଡ଼ିଓ ଦେବଦତ ଦାସ, ବିଇଓ ଅଧିର କୁମାର ତରାଇ ପ୍ରମୁଖ ପ୍ରଶିକ୍ଷଣ ଶିବିର ପରିଦର୍ଶନ କରି ସମସ୍ତ କାର୍ଯ୍ୟର ତଦାରଖ କରିଛନ୍ତି। ଏପଟେ ବ୍ଲକ କାର୍ଯ୍ୟାଳୟ ଠାରେ ସଶସ୍ତ୍ର ପୁଲିସ ବାହିନୀ ସହିତ ୧୬ୟୁନିଟ ଇଭିଏମ ମେସିନ ପ୍ରଶିକ୍ଷଣ ପାଇଁ ପହଞ୍ଚିଥିବା ଜଣାଯାଇଛି।

# ଗ୍ରାହକ ବେଶରେ ଆସି ଲୁଟିନେଲେ ଗହଣା

**ବାସୁଦେବପୁର,୧୫ ।୩(ସମିସ):** ବାସୁଦେବପୁର ସହରରେ ଆଜି ସ୍ପଷ୍ଟ ଦିବାଲୋକରେ କେତେକ ଲୁଟେରା ଜଣେ ସୁନା ଦୋକାନୀଙ୍କୁ ଚୂନ ଲଗାଇ ଚମ୍ପଟ ମାରିଛନ୍ତି। ଉକ୍ତ ଦୋକାନୀଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ବାସୁଦେବପୁର ପୁଲିସ ଛାନ୍‌ଭିନ କରିବା ସହିତ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଛି। ଆଜି ମଧ୍ୟାହ୍ନରେ ସହରର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଇରମ ଟ୍ରେକର ଷ୍ଟାଣ୍ଡ ନିକଟରେ ଅବସ୍ଥିତ ପିକେ ଜୁଏଲାର୍ସରେ ଦୁଇଜଣ ଯୁବକ ଗ୍ରାହକ ବେଶରେ ପ୍ରବେଶ କରିଥିଲେ। ବାହାଘର ପାଇଁ ସୁନା ଅଳଙ୍କାର କିଣିବେ ବୋଲି ଦୋକାନୀ ପିଣ୍ଟୁ ଖଟୁଆକୁ କହିଥିଲେ। ଦୋକାନୀ ପିଣ୍ଟୁ ବି ସେମାନଙ୍କୁ ପ୍ରଥମେ ସୁନା ଅଳଙ୍କାର ଭର୍ତ୍ତି ଚେନ୍ ଦେଖାଇଥିଲା। ଏହି ସମୟରେ ଭିନ୍ନ କୌଶଳ ଦେଖାଇ ୨ଲୁଟେରା ୧୨ଟି ସୁନା ଚେନକୁ ହାତେଇ ନେଇଥିଲେ। ଦୋକାନୀ କିଛି ଜାଣିବା ଆଗରୁ ଲୁଟେରାମାନେ ପାଖାପାଖି ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଆଖିରେ ଧୂଳି ଦେଇ ଫେରାର ହୋଇ ଯାଇଥିଲେ। ସଙ୍ଗେ ସଙ୍ଗେ ଦୋକାନୀ ପିଣ୍ଟୁ ଖୋଜା ଖୋଜି କରି ହତାଶ ହେବା ପରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛି।

# ବିଦ୍ୟୁତ୍ ଆଘାତରେ ମୃତ

**ତିହିଡ଼ି,୧୫।୩(ସମିସ):** ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ରବିନାରାୟଣ ଦାସ(୬୦)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି। ତାଙ୍କୁ ତୁରନ୍ତ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

## ବିପଦ ମୁଖରେ ଦୋବଲ ରାସ୍ତା

# ଅଧାରୁ କାମବନ୍ଦ ରଖି ଠିକାଦାର ଫେରାର

**ଦୋବଲ,୧୫ ।୩(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ-କ୍ଷେତ୍ରପୁର ମୁଖ୍ୟ ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୁଇ ପାର୍ଶ୍ୱ ଜବରଦଖଲ ଯୋଗୁଁ ରାସ୍ତା ସଂକୁଚିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ନକ୍ସାରେ ରାସ୍ତାର ଚଉଡ଼ା ହାରାହାରି ୪୦ ରୁ ୫୦ କଡ଼ି ରହିଛି। ଏପରିକି କିଛି ସ୍ଥାନରେ ୭୫ରୁ ୮୦ କଡ଼ି ଚଉଡ଼ା ଅଛି। ସାଧାରଣ ଭାବେ ରାସ୍ତାର ଚଉଡ଼ା ପ୍ରାୟ ୪୦ ଫୁଟ ଥିଲା ଏବେ ରାସ୍ତାର ଚଉଡ଼ା ପ୍ରାୟ ୨୦ଫୁଟକୁ କମି ଆସିଛି। ଯାହା ଫଳରେ ବିଭିନ୍ନ ସମୟରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଦୋବଲ ରାସ୍ତାର ସ୍ଥିତି ପୂର୍ବରୁ ସେମିତି ନଥିଲା ଏହି କିଛି ବର୍ଷ ଭିତରେ ଦୋବଲ ବଜାରର ଆକାର ବଢ଼ିବା ସାଙ୍ଗକୁ ନୂଆ ଦୋକାନ ସବୁ ଗଢିଉଠିଛି। ଏତିକି ବେଳେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଦୁଇ ପାର୍ଶ୍ୱରୁ ରାସ୍ତାପଟକୁ ମାଡ଼ି ଆସିଛନ୍ତି। ଜବରଦଖଲ କରି ସ୍ଥାୟୀଘର ଓ ଦୋକାନ ଘର କରିଦେବାରୁ ରାସ୍ତା ସଂକୁଚିତ ହୋଇଯାଇଛି। ଫଳରେ ସାମାନ୍ୟ ବର୍ଷାରେ ରାସ୍ତାରେ ବର୍ଷାପାଣି ଜମି ରହୁଛି। ରାସ୍ତା ଉପରେ ପାଣି ରହୁଥିବାରୁ ପିଚୁ ନଷ୍ଟ ହୋଇଯାଇଛି। କଂକ୍ରିଟ ଉଠିଯାଇ ଖାଲ ଖମାରେ ଭର୍ତ୍ତି ହୋଇଗଲାଣି। ପାଣି ଜମି ରହିଥିବାବେଳେ ବାଇକ୍ ଓ ସ୍କୁଟିରେ ଯାଉଥିବା ଲୋକେ ଖାଲରେ ପଡ଼ି ଜଖମ ହେଉଥିବା ଦେଖିବାକୁ ମିଳିଛି। ଯାହାଫଳରେ ରାସ୍ତା ସଂକୁଚିତ ହୋଇରହୁଛି। ସେପଟେ ଖାଲଖମା ଭର୍ତ୍ତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ ପାଇଁ ଟେଣ୍ଡର କରାଯାଇଛି କିଛି ଅଂଶ କାମ କରାଯାଇ ଥିଲେ ମଧ୍ୟ ୨ମାସ ହେବ ଠିକାଦାର ଆଉ କାମ ନକରି ପଳାଇଛି। ଫଳରେ ଦୋବଲ ବଜାରରେ ସାମାନ୍ୟ ବର୍ଷାରେ ଲୋକ ହିନସ୍ତା ହେଉଛନ୍ତି। ୨ ଦିନ ହେବ ଅଦିନିଆ ବର୍ଷାରେ ଦୋବଲ ବଜାର ରାସ୍ତା ସବୁ ସ୍ଥାନରେ ବର୍ଷାଜଳ ଯାତାୟାତରେ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଯଦି ତୁରନ୍ତ ଦୋବଲ ବଜାର ରାସ୍ତା କାମ ନିର୍ମାଣ କରା ନଯାଏ ଏନେଇ ଆନ୍ଦୋଳନ କରାଯିବ ବୋଲି ବୋଲି ପ୍ରତାପ ସାମଲ, ମଦନମୋହନ ଦାସ, ସଦାନନ୍ଦ ସାମଲ,ସେକ୍ ତାଜୁଦିନ୍, ପ୍ରସାନ୍ତ କୁମାର ସାହୁ, ଦେବାଶିଷ ରଥ, ନାରାୟଣ ସାହାଣୀ, ମନୋରଞ୍ଜନ ପଣ୍ଡା, ଶିକ୍ଷାବିତ ହୃଦାନନ୍ଦ କର ପ୍ରମୁଖ ସୂଚନା ଦେଇଛନ୍ତି।



● ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ

# ନିଜସ୍ୱ ବିଦ୍ୟାଳୟରେ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ

ବନ୍ତ/ଆଗରପଡ଼ା,୧୫।୩(ସମିସ): ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ତାଙ୍କ ନିଜସ୍ୱ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ବିଭାଗ ତରଫରୁ ପରୀକ୍ଷା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରାଯିବା ସହ ଶୁକ୍ରବାର ବିଦ୍ୟାଳୟର ସମସ୍ତ ୪୪ଜଣ ଛାତ୍ରଛାତ୍ରୀ ଶିକ୍ଷକ ଦେବବ୍ରତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୧୫ ତାରିଖ ଠାରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାରୁ ଏହି ପରିପ୍ରେକ୍ଷୀରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଗତ ମାର୍ଚ୍ଚ ମାସ ୨ ତାରିଖରେ ପତ୍ର ମାଧ୍ୟମରେ ଅବଗତ କରିଥିଲେ। ତେଣୁ ଉକ୍ତ ପରୀକ୍ଷାରୁ ଯେପରି ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପିଲାମାନେ ବଞ୍ଚିତ ନହୁଅନ୍ତି ତାହାକୁ ଆଖି ଆଗରେ ରଖି ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟରେ ବିଦ୍ୟାଳୟର ମାମଲା ବିଚାରାଧୀନ ଥିବାରୁ ଅଭିଯୋଗକାରିଙ୍କ ଅଭିଯୋଗକୁ ବିଚାରକୁ ନେଇ ଗତ ୧୧ ତାରିଖରେ ହାଇକୋର୍ଟ ସଂପୃକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ତାଙ୍କ ନିଜସ୍ୱ ବିଦ୍ୟାଳୟରେ ଯେପରି ପରୀକ୍ଷା ଦେଇପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା ବିଭାଗ ତରଫରୁ କରାଯିବା ଓ ଯଦି ସ୍ୱଳ୍ପ ସମୟରେ ଏହା ସମ୍ଭବ ନହେବ ତେବେ ପାଖ ବିଦ୍ୟାଳୟରେ ପରୀକ୍ଷାର ସୁବନ୍ଦୋବସ୍ତ କରିବାର ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# କଲ୍ୟାଣୀ ରେ ୧୦୯ ତମ ଜଗନ୍ନାଥ ମହୋତ୍ସବ

**ଅସୁରାଳି,୧୫ ।୩(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତ କଲ୍ୟାଣୀ ଠାରେ ସର୍ବପୁରାତନ ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀଜଗନ୍ନାଥ ସପ୍ତା ପୂଜା କମିଟି ଆନୁକୂଲ୍ୟରେ ୧୦୯ ତମ ପୂଜାଉତ୍ସବ ଆୟୋଜିତ ହୋଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ସୁସଜ୍ଜିତ ପ୍ରତିମା ପୂଜା ମଣ୍ଡପରେ ସ୍ଥାପିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରୁଛନ୍ତି। ସନ୍ଧ୍ୟା ଆଳତି ପରେ ବିଶିଷ୍ଟ ବ୍ୟକ୍ତି ମାନଙ୍କ ଉପସ୍ଥିତିରେ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଆଲୋଚନା ସହିତ ଆଞ୍ଚଳିକ ସଙ୍ଗୀତ କଳାକାର ମାନଙ୍କୁ ନେଇ ଭାବ ଗମ୍ଭୀର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଣ୍ଡିତ ଶରତ ଚନ୍ଦ୍ର ପାଣି, ହୃଷୀକେଶ ପାଣି ଭାଗବତ ପାରାୟଣ ସହିତ ସମସ୍ତ ପୂଜାବିଧି ପରିଚାଳନା କରିଥିଲେ । କର୍ତ୍ତା ମହେନ୍ଦ୍ର ବାରିକ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୋତା ରୂପେ ପ୍ରଭାବତୀ ବାରିକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୪ଦିନ ଧରି ଚାଲିବ ଓ ଏହା ୨୧ତାରିଖ ଉଦଯାପିତ ହେବ।



# ଚିତ୍ରାଙ୍କନ ପ୍ରତିଯୋଗିତାରେ ୫ ଛାତ୍ରୀ ସମ୍ବର୍ଦ୍ଧିତ

ଭଦ୍ରକ,୧୫ ।୩(ସମିସ)

ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭଦ୍ରକର ୫ ଛାତ୍ରୀ ସମ୍ବର୍ଦ୍ଧିତ ହୋଇଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଭୁବନେଶ୍ୱରକୁ ପଠାଯାଇଥିଲା। ପରବର୍ତୀ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉକ୍ତ ଚିତ୍ର ମାନଙ୍କୁ ମୂଲ୍ୟାଙ୍କନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବୀଣାପାଣି ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀ ଲିଜାରାଣୀ ବେହେରା, ପୂଜାର୍ଚ୍ଚନା ବେହେରା, ରଶ୍ମିତା ସାହୁ, ସଂଯୁକ୍ତା ସାହୁ, ସ୍ୱପ୍ନା ମୁର୍ମୁ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ସମେତ ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ସଭ୍ୟ ସଚିବ, ସଦସ୍ୟା ଓ ଅନ୍ୟାନ୍ୟ ପ୍ରମୁଖ ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପିନିରାଣୀ ମହାନ୍ତି ଓ ସସ୍ମିତା ଦେବୀ ସମେତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ନେହରୁ ଷ୍ଟାଡିୟମରେ ନୂତନ ବ୍ୟାୟାମଶାଳା

ଭଦ୍ରକ,୧୫ ।୩(ସମିସ):ଭଦ୍ରକ ନେହରୁ ଷ୍ଟାଡିୟମ ପରିସରରେ ନୂତନ ବ୍ୟାୟାମଶାଳା (ଜିମ୍)କୁ ଆଜି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦଘାଟନ କରିଛନ୍ତି । ସାଂସଦ ଓ ବିଧାୟକଙ୍କ ହାତପାଣ୍ଠିରୁ ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠିତ ଏହି ଜିମ୍‌କୁ ଉଦଘାଟନ କରିବା ଅବସରରେ ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକ ନେହେରୁ ଷ୍ଟାଡିୟମର ରୂପାନ୍ତରିଣ କାର୍ଯ୍ୟକ୍ରମ ଲାଗି ମୁଖ୍ୟମନ୍ତ୍ରୀ ଯୋଗାଇଥିବା ସାଢେ ୬କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହି ଜିମ୍ ସମସ୍ତଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ସର୍ଗୀ କରାଗଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ବରିଷ୍ଠ କାଉନସିଲର ଦିଲିପ ନାୟକ, କାଉନସିଲର ସେଖ ଜୁଲଫିକର ଅଲ୍ଲି, ଆଶୀଷ ଅମିତାଭ ମହାପାତ୍ର, ସହୀଦ ଖାଁ, ସେକ ଗରିବୁଲ୍ଲା, ଯୁବନେତା ସୂର୍ଯ୍ୟକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ସୁରକ୍ଷା ଦିବସ ପାଳିତ

# ‘ସଚେତନତା ହିଁ ଖାଉଟି ସୁରକ୍ଷାର ଚାବିକାଠି’

**ଭଦ୍ରକ,୧୫ ।୩(ସମିସ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଉପନିୟନ୍ତ୍ରକ, ବୈଧ ମାପ ବିଜ୍ଞାନ ଭଦ୍ରକ କାର୍ଯ୍ୟାଳୟର ସଂଯୋଜନାରେ ଇଚ୍ଛାପୁର, ଭଦ୍ରକର ସଂଗଠନ ‘ପେଡ୍’ ଦ୍ୱାରା ଆୟୋଜିତ ଭଦ୍ରକ ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ଦିବସ ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ପ୍ରତିଦିନ ପ୍ରତିମୁହୂର୍ତ୍ତରେ ଆମ୍ଭର ଆବଶ୍ୟକତା ଅନୁଯାୟୀ କୌଣସି ନା କୌଣସି ଦ୍ରବ୍ୟ ବା ସେବା କ୍ରୟ କରିବା ଆଧାରରେ ଆମେ ସମସ୍ତେ ଜଣେ ଜଣେ ଖାଉଟି। ଖାଉଟି ହିସାବରେ କ୍ରୟ ଜନିତ ଠକାମିରୁ ବର୍ତ୍ତିବା ପାଇଁ ପ୍ରଣୀତ ଖାଉଟି ସୁରକ୍ଷା ଅଧିକାର ଆଇନ୍ ସମ୍ବନ୍ଧରେ ସଚେତନ ହେବା ସମସ୍ତଙ୍କ ପାଇଁ ଜରୁରୀ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଜିଲ୍ଲା ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ ଲିଙ୍ଗରାଜ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂପୃକ୍ତ ବିଭାଗୀୟ ସେବା ପ୍ରଦାନରେ ଖାଉଟିମାନେ କିପରି ସଚେତନ ହେବେ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଉପଭୋକ୍ତା କମିଶନ୍‌ର ସଭାପତି ଶିବ ପ୍ରସାଦ ମହାନ୍ତି ଖାଉଟି ସୁରକ୍ଷା ଆଇନ ସଂପର୍କରେ ମତ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ଦାସ, ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ଖାଉଟି ଅଧିକାର ସୁରକ୍ଷା ନେଇ ସଂପୃକ୍ତ ବିଭାଗୀୟ ସଚେତନତା, ଆଇନ୍‌ର ଉପାଦେୟତା, ଖାଉଟି ଅଧିକାର ଜାହିର ପାଇଁ ସଚେତନତା କେତେ ଜରୁରୀ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳକ ତଥା ଏହି କାର୍ଯ୍ୟକ୍ରମର ସଂଯୋଜକ ବୈଧ ମାପ ବିଜ୍ଞାନ ବିଭାଗର ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ଖାଉଟି ସଚେତନତାର ବିଭିନ୍ନ ଦିଗ ଉପରେ ବ୍ୟାଖ୍ୟା କରିବା ସହ ଓଜନ ମାପ ଯନ୍ତ୍ର ବ୍ୟବହାରରେ ବିଭିନ୍ନ ଉପାୟରେ ଠକାମିର ଶିକାର ହେବା ପଦ୍ଧତି ସମ୍ବନ୍ଧରେ ପ୍ରଦର୍ଶନ କରି ଠକାମିରୁ ବର୍ତିବା ପାଇଁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ପେଡ୍ ସଂଗଠନର ସମ୍ପାଦକ ଦିବାକର ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନର ଅଧ୍ୟକ୍ଷ କାର୍ତିକ ଜେନା, କୋଷାଧ୍ୟକ୍ଷ, ଜଗତଜ୍ୟୋତି ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଅଙ୍ଗନବାଡ଼ି କର୍ମୀ, ଏସ୍‌ଏଚ୍‌ଜି ମହିଳା ଓ ସଂଗଠନର ସଦସ୍ୟା ବିଭିନ୍ନ ବର୍ଗର ମହିଳା ଖାଉଟି, ଗଣମାଧ୍ୟମ ପ୍ରତିନିଧି ଆଦି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



## କୋରେଇ ଥାନାରେ ଭଙ୍ଗା ଦଦରା ପାଟ୍ରୋଲିଂ ଭ୍ୟାନ୍

# ଠିକ୍ ସମୟରେ ପହଞ୍ଚିପାରୁନି; ଆଇନଶୃଙ୍ଖଳା ନିୟନ୍ତ୍ରଣରେ ପ୍ରତିବନ୍ଧକ

ଯାଜପୁର, ୧୫।୩ (ସମିସ)




ଯାଜପୁର ଜିଲ୍ଲା ପୁଲିସକୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରତିବନ୍ଧକ ସାଜିଛି ପାଟ୍ରୋଲିଂ ଭ୍ୟାନ୍। ଫଳରେ ପୁଲିସକୁ ଦାୟିତ୍ୱ ନିର୍ବାହ କରିବାକୁ ଅସୁବିଧା ହେଉଥିବା ଜଣାପଡ଼ିଛି। କୋରେଇ ଥାନାରେ ଏହା ଦେଖିବାକୁ ମିଳିଛି। ଏହି ଥାନାରେ ଥିବା ପାଟ୍ରୋଲିଂ ଭ୍ୟାନ୍ ଭଙ୍ଗା ଦଦରା ଅବସ୍ଥାରେ ଥିବାରୁ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚିପାରୁନି। ଫଳରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ପ୍ରତିବନ୍ଧକ ସାଜିଛି। ତେଣୁ ଜିଲ୍ଲା ପୁଲିସ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ଜିଲ୍ଲାର କୋରେଇ ଥାନାଟି ପ୍ରାୟ ୧୮ଟି ପଞ୍ଚାୟତର ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ପୁଲିସ ସେବା ଯୋଗାଇ ଆସୁଛି। ଏହାର ପରିସୀମା ଉଭୟ ପାର୍ଶ୍ୱକୁ ପ୍ରାୟ ୨୫ କିଲୋମିଟରରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ରହିଛି। ଏଠାରେ ପୁଲିସକୁ ଯିବାଆସିବା ତଥା ବିଭିନ୍ନ ମୋକଦ୍ଦମା ପାଇଁ କୋର୍ଟ କଚେରି ଆଦି କାମ ପାଇଁ ୨ଟି ଭ୍ୟାନ ନିୟୋଜିତ କରାଯାଇଛି। କିନ୍ତୁ ଏହି ଭ୍ୟାନ ଦୁଇଟି ସଠିକ୍ ସମୟରେ କାମରେ ଲାଗିପାରୁନି। ବହୁ ପୁରୁଣା ହୋଇଯିବା କାରଣରୁ ଏହା ପୂର୍ବଭଳି କାମରେ ଲାଗିପାରୁନି। ଫଳରେ ଅଧିକାଂଶ ସମୟରେ ବାଟରେ ଅଟକି ରହୁଛି। ବେଳେବେଳେ ଏହାକୁ ଧକ୍କା ମାରି ଷ୍ଟାର୍ଟ କରିବାକୁ ପଡୁଛି। ବିଭିନ୍ନ ଥାନାକୁ ଏବେ ନୂଆ ନୂଆ ଗାଡ଼ି ତଥା ବୋଲେରୋ ଯୋଗାଇ ଦିଆଯାଉଥିବାବେଳେ ଏଠାରେ ସେହି ପୁରୁଣା ଟାଟା ସୁମୋ ଗାଡ଼ି ରଖାଯାଇଛି। ଯାହାର ରେଜିଷ୍ଟ୍ରେସନ ୨୦୧୩ ମେ ୨୭ ତାରିଖରେ ପ୍ରାୟ ୧୧ ବର୍ଷ ତଳେ ହୋଇଥିଲା। ଏହାବ୍ୟତୀତ ଭ୍ୟାନ୍‌କୁ ଚଳାଇବା ପାଇଁ ଏଠାରେ କୌଣସି ଡ୍ରାଇଭରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇନାହିଁ। ଏଭଳି ପରିସ୍ଥିତିରେ ଜନସାଧାରଣଙ୍କୁ କିପ୍ରକାର ପୁଲିସ ସେବା ମିଳୁଛି, ତାହା ଅନୁମାନ କରିହେଉଛି। ଖବର ପାଇ କୌଣସି ଘଟଣା ସ୍ଥଳରେ ଶୀଘ୍ର ପହଞ୍ଚିବା ତଥା ଅତର୍କିତ ଚଢ଼ଉ କରିବା ପାଇଁ ଏହା ଦ୍ୱାରା ସମ୍ଭବ ହେଉ ନ ଥିବା ଜଣାପଡ଼ିଛି। ଫଳରେ ଏ ଅଞ୍ଚଳରେ ଚୋରି, ମଦ କାରବାର ଆଦି ବିଭିନ୍ନ ଘଟଣା ବଢ଼ି ଚାଲିଛି। ଯଦ୍ୱାରା ପୁଲିସକୁ ଅନେକ ସମୟରେ ଜନସାଧାରଣ ଦାୟୀ କରୁଛନ୍ତି। ତା'ଛଡ଼ା ଏବେ ନିର୍ବାଚନ ସମୟ ଯାହାକି ପୁଲିସ ପାଇଁ ଏହା ଅଧିକ ଜରୁରି। ତୁରନ୍ତ ଏହି ଥାନାକୁ ନୂତନ ଗାଡ଼ି ଯୋଗାଇ ଦିଆଯିବା ସହିତ ଡ୍ରାଇଭର ନିଯୁକ୍ତି ଦିଆଗଲେ ଲୋକମାନେ ଉତ୍ତମ ପୁଲିସ ସେବା ପାଇପାରିବେ।

## ବିଭିନ୍ନ ଦାବିରେ ବିଂଝାରପୁର ସାମ୍ବାଦିକଙ୍କ ବିକ୍ଷୋଭ




**ପ୍ରୀତିପୁର, ୧୫।୩ (ସମିସ):** ଓୟୁଜେ ଆହ୍ୱାନ କ୍ରମେ ଜିଲ୍ଲା ସଭାପତି ଆଦିତ୍ୟ ମେକାପଙ୍କ ନିର୍ଦ୍ଦେଶରେ ଆଜି ବିଞ୍ଝାରପୁର ସାମ୍ବାଦିକ ୟୁନିଅନ ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ କରାଯାଇଛି। ବ୍ଲକ ସଭାପତି ଦେବ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଧାରଣା ଦେବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇ କଳା ବ୍ୟାଜ୍ ପରିଧାନ କରିଥିଲେ। ଏଥିରେ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସମ୍ପାଦକ ସେକ ସନୱର, ଉପସଭାପତି ଗୁଲସାହାନୱାଜ ଅଲି ଖାନ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ଦାସ, ବିଶ୍ୱଜିତ ନାୟକ, ସତ୍ୟରଞ୍ଜନ ମଲ୍ଲିକ, ଶଙ୍କର୍ଷଣ ସାମଲ, ଗୋପାଳ ସୂତାର, ମମତାଜ ଅଲ୍ଲୀ ଖାନ, ଅନଙ୍ଗ ଉଦୟ ବେହୁରିଆ, ନିମାଇଁ ଘଡାଇ, ରଞ୍ଜିତ ଦାସ, ସୀତାକାନ୍ତ ମାମଲ, ସୁରେନ୍ଦ୍ର ସାମଲ, ଚନ୍ଦ୍ରନାରାୟଣ ଦାସ, ପାର୍ଥସାରଥି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍ଷିକ ପରୀକ୍ଷା ଆଗରୁ ପ୍ରଶ୍ନପତ୍ର ଭାଇରାଲ

**ପାଣିକୋଇଲି, ୧୫।୩(ସମିସ):** ରାଜ୍ୟରେ ଅଧ୍ୟୟନରତ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି। ବର୍ତ୍ତମାନ ଶିକ୍ଷା ଅଭିଯାନ ମାଧ୍ୟମରେ ୬ରୁ ୧୪ ବର୍ଷ ସମସ୍ତ ଛାତ୍ରଛାତ୍ରୀଙ୍କୁ ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦିଆଯାଇଛି। ମାତ୍ର ବିଭିନ୍ନ ସମୟରେ ଛାତ୍ରଛାତ୍ରୀଙ୍କ ବିଦ୍ୟା ଆହୋରଣର ସ୍ତର ଆକଳନ କରିବାକୁ ଆୟୋଜିତ ପରୀକ୍ଷାରେ ବିଭ୍ରାଟ ପରିଲକ୍ଷିତ ହେଉଛି। ଚଳିତ ଶିକ୍ଷାବର୍ଷରେ ଓଡ଼ିଶାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଆଜିଠୁ ଆରମ୍ଭ ହୋଇଛି। ତେବେ ଦୁଇଦିନ ଆଗରୁ ୟୁଟ୍ୟୁବ, ଟେଲିଗ୍ରାମରେ ଏହି ପରୀକ୍ଷାର ପ୍ରଶ୍ନପତ୍ର ଓ ଉତ୍ତର ଘୁରି ବୁଲୁଥିବା ନଜର ଆସିଛି। କେତେକ ଖଳ ପ୍ରକୃତିର ବ୍ୟକ୍ତି ରୋଜଗାର ଆଶାରେ ବିଭିନ୍ନ ଉପାୟରେ କିଛି ଶିକ୍ଷକଙ୍କୁ ହାତବାରିସ ସଜାଇ ପରୀକ୍ଷା ପୂର୍ବରୁ ଏହି ପ୍ରଶ୍ନପତ୍ର ସଂଗ୍ରହ କରି ଏହାର ଉତ୍ତରର ଭିଡିଓ ତିଆରି କରି ଇଣ୍ଟରନେଟ ମାଧ୍ୟମରେ ପ୍ରଚାର କରିଚାଲିଛନ୍ତି। ଯାହାକି ଏବେ ମେଧାବୀ ଛାତ୍ରଛାତ୍ରୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଥିରେ କିଛି ଶିକ୍ଷକ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପ୍ରଶ୍ନପତ୍ର ବିଦ୍ୟାଳୟମାନଙ୍କୁ ଯୋଗାଇ ଦେଉଥିବାବେଳେ ଏଭଳି ଖଳ ପ୍ରକୃତିର ବ୍ୟକ୍ତିଙ୍କ ପାଇଁ ଆଜି ଶିକ୍ଷା ବିଭାଗ ବଦନାମ ହେଉଛି। ଏଣୁ ସାଇବର ଅପରାଧ ବିଭାଗ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରୁ ଅନୁରୋଧ କରାଯାଇଛି।

## ଦେଶୀମଦ ଦୋକାନକୁ ଧୂଳିଗଡ଼ ଗ୍ରାମବାସୀଙ୍କ ବିରୋଧ




**ଯାଜପୁର, ୧୫।୩(ସମିସ):** ଦେଶୀମଦ ଦୋକାନକୁ ବିରୋଧ କରି ଧୂଳିଗଡ଼ ଗ୍ରାମବାସୀ ଅବକାରୀ ବିଭାଗ ଓ ଯାଜପୁର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଟମକା ଅଞ୍ଚଳରେ ଖୋଲାଯାଇଥିବା ମଦ ଦୋକାନକୁ ଧୂଳିଗଡ଼ ଅଞ୍ଚଳକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛି ଅବକାରୀ ବିଭାଗ। ଯାହ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗ କରି ଗ୍ରାମବାସୀ ଆଜି ଜିଲ୍ଲା ଅବକାରୀ ଅଧୀକ୍ଷକ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମଦ ଦୋକାନ ଟମକା ଅଞ୍ଚଳରେ ଥିବାବେଳେ ଏହାକୁ ୪୫ କିମି ଦୂରତାକୁ କିଭଳି ସ୍ଥାନାନ୍ତର ପାଇଁ ଅବକାରୀ ବିଭାଗ ଅନୁମତି ଦେଉଛି। ତାକୁ ନେଇ ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଏଠାରେ ମଦ ଦୋକାନ ଖୋଲାଗଲେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତୁରନ୍ତ ଏହି ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଧୂଳିଗଡ଼ ସରପଞ୍ଚ ଚେତାବନୀ ଦେଇଛନ୍ତି। ସରପଞ୍ଚ ମାନସ ରଣାଙ୍କ ନେତୃତ୍ୱରେ ପ୍ରଧାନ ମୁଣ୍ଡା, ରଜନୀ ସଏ, ରଜନୀକାନ୍ତ ମହାନ୍ତି, ଗଜେନ୍ଦ୍ର ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ତୁରନ୍ତ ଦେଶୀ ମଦ ଦୋକାନ ବନ୍ଦ କରିବାକୁ ଦାବି କରିଛନ୍ତି।

## ସାମ୍ବାଦିକଙ୍କ ଦାବିପତ୍ର ପ୍ରଦାନ




**ଦଶରଥପୁର, ୧୫।୩ (ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ୍ (ଓୟୁଜେ) ଆହ୍ୱାନକ୍ରମେ ଦଶରଥପୁର ସାମ୍ବାଦିକ ୟୁନିଅନ ପକ୍ଷରୁ ବିଭିନ୍ନ ଦାବିରେ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ଚନ୍ଦ୍ରଶେଖର ସାହୁ, କୌଶିକ ଦାସ, ମାନସ କୁମାର ଜେନା, ମନୋଜ କୁମାର ମହାନ୍ତି, ଅକ୍ଷୟ କୁମାର ଦାସ, ମନୋଜ ଦାଶ, ବିଶ୍ୱଭୂଷଣ ବିଶ୍ୱାଳ, ଶୈଳେନ୍ଦ୍ର ସାମଲ, ମନୋଜ ପୃଷ୍ଟି ପ୍ରମୁଖ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବା ସହ ବିଡିଓ ଆକାଶ ପଟ୍ଟନାୟକ ଓ ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## କୁଆଖିଆକୁ ଏନ୍ଏସି ଘୋଷଣା ଦାବି



**କୁଆଖିଆ, ୧୫।୩(ସମିସ):** ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବଜାର ଏନ୍ଏସିରୁ ବାଦ୍ ପଡ଼ିଛି। ଏହାକୁ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ନାପସନ୍ଦ କରିଛି। ରାଜ୍ୟରେ ୫୭ଟି ବଜାର ଓ ସହରାଞ୍ଚଳକୁ ଏନ୍ଏସି ଘୋଷଣା କରାଯାଇଛି। ଏଥିରୁ କୁଆଖିଆ ବାଜରକୁ ବାଦ୍ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟର ସଭାପତି ଗୟାଧର ମଲିକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏହି ଦାବି ବହୁ ପୂର୍ବରୁ ରଖିଆସୁଛନ୍ତି। ଜାରକା, ଚଣ୍ଡିଖୋଲ ସହ କୁଆଖିଆ ବଜାରକୁ ଏନ୍ଏସି ଘୋଷଣା କରାଯିବାକୁ ଦାବି ହେଉଥିଲା। ଚଣ୍ଡିଖୋଲ, ଜାରକା, ପାଣିକୋଇଲିକୁ ଏନ୍ଏସି ଘୋଷଣା କରାଯାଇଥିବାବେଳେ କୁଆଖିଆ ବଜାରକୁ ଏଥିରୁ ବାଦ୍ ଦିଆଯାଇଛି। କୁଆଖିଆକୁ ଏନ୍ଏସି ଘୋଷଣା କରାଯିବାକୁ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି।

## ତହସିଲଦାରଙ୍କୁ ଭେଟିଲେ ଡୁବୁରୀ ଗ୍ରାମବାସୀ

**ସୁକିନ୍ଦା, ୧୫।୩(ସମିସ):** ସୁକିନ୍ଦା ତହସିଲ ଅନ୍ତର୍ଗତ ଡୁବୁରୀ ମୌଜାର ୧୨୭ନଂ ଖାତାର ପାଉତି କାଟିବା ଦାବିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଶୁକ୍ରବାର ସୁକିନ୍ଦା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଦୀର୍ଘଦିନ ହେବ ସୁକିନ୍ଦା ତହସିଲ ପକ୍ଷରୁ ଡୁବୁରୀ ମୌଜାର ୧୨୭ନଂ ଖାତାର ପାଉତି କଟା ବନ୍ଦ ଥିବା କାରଣରୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଉତି କାଟିବା ଦାବିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଶୁକ୍ରବାର ଦିନ ସୁକିନ୍ଦା ତହସିଲ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି।

## ହିରୋ ବ୍ୟାସନଗର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ବ୍ୟାସନଗର, ୧୫।୩(ସମିସ):** ବ୍ୟାସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୪ତମ ଦିବାରାତ୍ର ହିରୋ ବ୍ୟାସନଗର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବ୍ୟାସନଗରସ୍ଥ ଏନସି ହାଇସ୍କୁଲ ଖେଳ ପଡ଼ିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ରାଇଜିଂ ଇଲେଭେନ ଉମାପଦା ଓ ପ୍ରଶାନ୍ତି ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇଜିଂ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୩୧ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରଶାନ୍ତି ୱାରିୟର ୧୨୯ ରନ କରି ପରାଜୟବରଣ କରିଥିଲା। କ୍ଲବର ସଭାପତି ରୁଦ୍ରନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ ଉତ୍ସବରେ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ପୂର୍ବତନ ପୌର ଅଧକ୍ଷା ବନ୍ଦିତା ପରିଡ଼ା, ସମାଜସେବୀ ପ୍ରହ୍ଲାଦ ଲେଙ୍କା, ନଟରାଜ ଗ୍ରୁପର ଏମଡି ରବିନାରାୟଣ ପୁହାଣ, ସୌମିକ ହିରୋର ପ୍ରଭାତ ସାମଲ ଓ ତେଜ୍ ହୋଣ୍ଡାର ଏମ୍‌ଡି ରାକେଶ ରାଉତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ହିରୋ ବାଇକ୍ କମ୍ପାନୀ ପକ୍ଷରୁ ହିରୋ ଏକ୍ସଷ୍ଟ୍ରିମ ବାଇକ ଲୋକାର୍ପିତ ହୋଇଥିଲା। ଫାଇନାଲ ଆସନ୍ତା ୧୯ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି। ଆଶୁତୋଷ ପାଣି, ଦେବବ୍ରତ ଦାସ ଖେଳ ପରିଚାଳନା କରିଥିବାବେଳେ ବୁବୁ ସିହ୍ନା, ପ୍ରଶାନ୍ତ ପଟ୍ଟନାୟକ ଭାଷ୍ୟକାର ଓ ଅସୀମ ଦାସ ଓ ପି.ଏମ ବିଶାଳ ସ୍କୋରର ଥିଲେ।

■ ଶରତଙ୍କ ୟୁ-ଟର୍ଣ୍ଣ

## ସାଧାରଣ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଲେ

ଦାନଗଦି, ୧୫।୩(ସମିସ): ସୁକିନ୍ଦାରେ କଂଗ୍ରେସ ନେତା ଶରତ ରାଉତଙ୍କ ୟୁ-ଟର୍ଣ୍ଣକୁ ନେଇ ଜୋର ଧରିଛି ଚର୍ଚ୍ଚା। କିଛିଦିନ ତଳେ ପୂର୍ବତନ ମନ୍ତ୍ରୀ ଶରତ ରାଉତ କଂଗ୍ରେସ ଦଳରୁ ଆଉ ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଥିଲେ। ହଠାତ ସେ ପଞ୍ଚାୟତରୁ ପଞ୍ଚାୟତକୁ ବୁଲି ପୁରୁଣା କର୍ମୀ ଓ ନୂଆ କର୍ମୀଙ୍କୁ ଡାକି ବୈଠକ ପରେ ବୈଠକ ଜାରି ରଖିଛନ୍ତି। ଯାହାକି ଶ୍ରୀ ରାଉତ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ନେଇ ଆଲୋଚନା ହେଉଛି। ଆଜି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ୮ନଂ ଜୋନ୍‌ର ଗୋବର୍ଦ୍ଧନପୁରରେ କଂଗ୍ରେସ କର୍ମୀ ସମ୍ମିଳନୀ ସଭାପତି ଦାମୋଦର ପୁହାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶରତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳ କିପରି ଏଥର ଭଲ ପ୍ରଦର୍ଶନ କରିବ, ସେ ନେଇ ଆଲୋଚନା କରିଥିଲେ। ଦାନଗଦି ବ୍ଲକ ସଭାପତି ବିଭୁଭୂଷଣ ରାଉତ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁରର ପୂର୍ବତନ ପୌରାଧକ୍ଷ ଆଲୋକ ବେହେରା, ଜିଲ୍ଲା ହରିଜନ ସେଲ୍‌ଫ ସଭାପତି ଦୁର୍ଯ୍ୟୋଧନ ବେହେରା, ସୁକିନ୍ଦା ନିର୍ବାଚନ ମଣ୍ଡଳୀ ପ୍ରଭାରି ଅନୁପ ନାଏକ, ଗୋବର୍ଦ୍ଧନପୁର ସରପଞ୍ଚ ଶୁକଦେବ ମାହାନ୍ତି, ବରିଷ୍ଠ ନେତା ମହେନ୍ଦ୍ର ଦାଶ, ରାଇଚରଣ ମହାନ୍ତି, ସୁରଜିତ ରାଉତ, ସ୍ୱର୍ଣ୍ଣ ବାନରା, ପ୍ରଭାତୀ ବଳଙ୍କ ସମେତ ବହୁ ସଂଖ୍ୟକ ମହିଳା, ଯୁବକ ଓ ଜୋନର ପ୍ରତ୍ୟେକ ପଞ୍ଚାୟତ କର୍ମୀ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ ସଡ଼କ ଶିଳାନ୍ୟାସ ଓ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ



**ବରୀ, ୧୫।୩(ସମିସ):** ଶୁକ୍ରବାର ଅପରାହ୍ନରେ ବିଧାୟିକା ସୁନନ୍ଦା ଦାସ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ଅନୁଦାନରେ ନିର୍ମିତ ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଖେଳ ପଡ଼ିଆରେ ନିର୍ମିତ କ୍ଷୁଦ୍ର କ୍ରୀଡ଼ାଙ୍ଗନର ଲୋକାର୍ପଣ କରିଛନ୍ତି। ସେହିପରି ଅଲିଆବାଦଠାରୁ ପଟଣା ହନୁମାନ ଛକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କର ଶିଳାନ୍ୟାସ କରିବା ସହିତ ପଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀ ଗୃହ, ରାଉତ ସାହିସ୍ଥ ପଣ୍ଡିତ କୃପାସିନ୍ଧୁ ଉଚ୍ଚ ଇଂରାଜୀ ବିଦ୍ୟାଳୟର ନୂତନ ଗୃହ, ମାଳସାହି ସରକାରୀ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହକୁ ଉଦଘାଟନ କରିବା ସହିତ ରତ୍ନଗିରି ସାପ୍ତାହିକ ହାଟର ବ୍ୟାବସାୟିକ ପିଣ୍ଡିକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ, ଅଜୟ ମଲ୍ଲ, ହରିହର ପଣ୍ଡା ଓ ମନୋଜ ମଲ୍ଲଙ୍କ ସମେତ ବହୁ ସଂଖ୍ୟକ ମହିଳା, ପୁରୁଷ ଓ ଯୁବକ ଯୋଗ ଦେଇଥିଲେ।

## ସୁକିନ୍ଦା ପ୍ରେସ୍ କ୍ଲବ୍‌ର ବିକ୍ଷୋଭ



**ସୁକିନ୍ଦା, ୧୫।୩ (ସମିସ):** ଉତ୍କଳ ସାମ୍ବାଦିକ ସଂଘ ଆହ୍ୱାନକ୍ରମେ ବିଭିନ୍ନ ଦାବିରେ ସୁକିନ୍ଦା ପ୍ରେସ୍ କ୍ଲବ୍ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କ୍ଲବ୍‌ର ଡବୁରିସ୍ଥ ସ୍ଥାୟୀ କାର୍ଯ୍ୟାଳୟରେ ଏକ ଜରୁରି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ବିଶ୍ୱଜିତ୍ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୬ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ କାର୍ଯ୍ୟାଳୟ ପରିସରରୁ ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ସଭାପତି ଶ୍ରୀ ନାୟକଙ୍କ ନେତୃତ୍ୱରେ ଡୁବୁରି-ନରଣପୁର ଦ୍ୱରିତ ରାଜପଥରେ ଶୋଭାଯାତ୍ରା କରି ଡୁବୁରୀସ୍ଥ ଗାନ୍ଧିଜୀଙ୍କ ତୈଳ ଚିତ୍ର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ସମ୍ପାଦକ ନୀଳମାଧବ ନାୟକ, ଉପସଭାପତି ବିମଳେନ୍ଦୁ ବେହୁରା, ପରମାନନ୍ଦ ସାହୁ, ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ଲମ୍ବୋଦର ଦଳବେହେରା, ସତ୍ୟଜିତ ଦାଶ, ମନୋଜ ନାୟକ, ଅସିତ କୁମାର ମହାନ୍ତ, ନିହାର କାନ୍ତ ପାତ୍ର, ମଧୁସୂଦନ ବାରିକ, ସରୋଜ ନାୟକ, କପିଳେନ୍ଦ୍ର ମହାନ୍ତ, ସଞ୍ଜୀବ ମହାନ୍ତ, ବିଶ୍ୱନାଥ ସାହୁ, ସୌମ୍ୟରଞ୍ଜନ ବାରିକ, ଏସକେ ଜହୁର, କୃପାସିନ୍ଧୁ କେଶରୀ, ହମିଦ ଖାନ, ଦୀପକ ଭଟ୍ଟାଚାର୍ଯ୍ୟ, କୈଳାସ ନାୟକ ପ୍ରମୁଖ ସାମିଲ ଥିଲେ।

# ନିଖୋଜ ଦିବ୍ୟାଙ୍ଗଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

କୁଆଖିଆ, ୧୫।୩ (ସମିସ)



କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ଗ୍ରାମର ଦିବ୍ୟାଙ୍ଗ ନରେନ୍ଦ୍ର ସାହୁ(୫୫)ଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ହତ୍ୟା ସନ୍ଦେହ କରାଯାଇଛି। ମୃତ ନରେନ୍ଦ୍ର ୩ ଦିନ ହେଲା ନିଖୋଜ ଥିଲେ। ଶୁକ୍ରବାର ଅପରାହ୍ନ ୨ଟା ସମୟରେ ତାଙ୍କ ମୃତଦେହ କୁଆଖିଆ-ଜେନାପୁର ରାସ୍ତାର ନଠୁଆବର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳର ଏକ ବୁଦାମୂଳରୁ ଉଦ୍ଧାର କରାଯାଇଛି। ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଛି। କ୍ଷତଚିହ୍ନ କୌଣସି ଏକ ଧାରୁଆ ଅସ୍ତ୍ରରେ ହୋଇଥିବା ନେଇ ସନ୍ଦେହ କରାଯାଉଛି। କେହି ଦୁର୍ବୃତ୍ତ ତାଙ୍କୁ ମାରି ବୁଦା ଭିତରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସ୍ୱାମୀଙ୍କୁ କେହି ମାରି ଦେଇଥିବା ସ୍ତ୍ରୀ ବାସନ୍ତୀ ସାହୁ ଅଭିଯୋଗ କରୁଛନ୍ତି। ପୁଲିସ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଅସଲ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

ସୂଚନା ମୁତାବକ, ନରେନ୍ଦ୍ର କିଛିଦିନ ତଳେ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅନ୍ତର୍ଗତ କଲାଣ୍ଡ ଗ୍ରାମସ୍ଥ ଶଶୁର ଘରକୁ ଯାଇଥିଲେ। ସେଠାରେ ଏକ ସାମାଜିକ କାର୍ଯ୍ୟରେ ଯୋଗଦେବା ପାଇଁ ପରିବାର ଲୋକଙ୍କ ସହ ଯାଇଥିଲେ। ତାଙ୍କ ସ୍ତ୍ରୀ, ୧୧ ବର୍ଷର ପୁଅ, ୭ ବର୍ଷର ଝିଅ ସେଠାରେ ରହିଥିବାବେଳେ ସେ ବୁଧବାର ନଠୁଆବରକୁ ଫେରି ଆସିଥିଲେ। ସେବେଠାରୁ ସେ ନିଖୋଜ ଥିଲେ। ଶୁକ୍ରବାର ତାଙ୍କର ମୃତଦେହ ରାସ୍ତା କଡରୁ ଉଦ୍ଧାର କରାଯାଇଛି ବୋଲି ପରିବାର ଲୋକେ ଖବର ପାଇଥିଲେ। ସ୍ତ୍ରୀ ଓ ଶଶୁର ଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀକୁ ମାରି ଦିଆଯାଇଥିବା ସ୍ତ୍ରୀ କହିବା ସହ ଶଳା ମୋହନ ବେହେରା ଭିଣୋଇ ମୃତ୍ୟୁକୁ ନେଇ ସମାନ ଅଭିଯୋଗ ଆଣିଛନ୍ତି। ତେବେ କେଉଁ କାରଣରୁ ନରେନ୍ଦ୍ରଙ୍କୁ ହତ୍ୟା କରାଯାଇଛି ତାହା ଏଯାଏଁ ସ୍ପଷ୍ଟ ହୋଇ ନ ଥିବାବେଳେ ଜମିବାଡି ବିବାଦ ଯୋଗୁଁ ଏଭଳି ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ନରେନ୍ଦ୍ର ଋତୁକାଳୀନ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଆର୍ଥିକ ଅଭାବ ଅନଟନ ଭିତରେ ଗତି କରୁଥିବା ପରିବାର ଏହି ମାମଲାକୁ ଲଢି ନ୍ୟାୟ ପାଇପାରିବ କି ନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ତେବେ ପୁଲିସ ଘଟଣାର ଗୁଢ ରହସ୍ୟକୁ ଭେଦ କରି ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ସହ ମୃତବ୍ୟକ୍ତିଙ୍କ ପରିବାରକୁ କି ପ୍ରକାର ନ୍ୟାୟ ଦେବାରେ ସକ୍ଷମ ହେଉଛି ତାକୁ ଦେଖିବାକୁ ବାକି ରହିଲା।

## ନୂଆପାଟଣା ଉଚ୍ଚ ସେତୁ

# କେବେ ସରିବ କାମ; ବଢୁଛି ବ୍ୟୟ ଅଟକଳ

**କୟାଁଗୋଲା, ୧୫।୩(ସମିସ)**



ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ଖାନନଗର ପଞ୍ଚାୟତ ଅନ୍ତର୍ଗତ ନୂଆପାଟଣ ଠାରେ ନିର୍ମାଣାଧୀନ ଉଚ୍ଚ ସେତୁ ସମ୍ପୂର୍ଣ୍ଣ ହେବାରେ ଅହେତୁକ ବିଳମ୍ବ ହେଉଛି। ଧାମରା ବନ୍ଦରକୁ ପଣ୍ୟବାହୀ ଜାହାଜ ଚଳାଚଳ ପାଇଁ ଏହି ଅନ୍ତଃଦେଶୀୟ ଜଳପଥ ନିର୍ମାଣ ବିଭିନ୍ନ କାରଣ ଯୋଗୁଁ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଛି। ଉଚ୍ଚସେତୁ ନିର୍ମାଣର ମୂଳ ନକ୍ସା ପରିବର୍ତ୍ତନ ଯୋଗୁଁ ବିଳମ୍ବ ହେବା ଓ ନିର୍ଦ୍ଧାରିତ ବ୍ୟୟ ଅଟକଳ ବହୁ ଗୁଣ ବୃଦ୍ଧି ପାଇଛି। ଉଭୟ ଭଦ୍ରକ ଓ ଯାଜପୁର ଜିଲ୍ଲାର ଲୋକେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ନ ହେବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୂଆପାଟଣା-ଦଉପୁର ରାସ୍ତାରେ ନୂଆପାଟଣାଠାରେ ବୈତରଣୀ ନଦୀ ଉପରେ ଉଚ୍ଚସେତୁ ନିର୍ମାଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ଆଶୀର୍ବାଦ କନଷ୍ଟ୍ରକସନ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ୨୦୨୩ ଜାନୁଆରୀ ୨୧ ସୁଦ୍ଧା ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବା କଥା। ୬୨.୦୮ ମିଟର ଲମ୍ବର ୩ଟି ସ୍ପାନ ସମୁଦାୟ ୧୮୬.୨୪ ମିଟର ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଓ ୨୯ କୋଟି ଟଙ୍କାର ଅଟକଳ ଏବେ ଶହେ କୋଟି ଟଙ୍କା ଛୁଇଁବାକୁ ବସିଲାଣି। ସ୍ପାନ ୩ଟି ନିର୍ମାଣ ପରେ ସ୍ଲାବ ପଡ଼ିବାକୁ ଯାଉଛି। ଭଦ୍ରକ ଜିଲ୍ଲାର ବେତାଳିଗାଁ, ସାହୁସାହି, ଗଡ଼ଗଡ଼ି, ସୁନ୍ଦରପୁର, ଦୋହରାପାଟଣା, ସାଅଁଳପୁର, ଯାଜପୁର ଜିଲ୍ଲାର ରଡଗାଁ, କୋଟପୁର, ସୋଲପାଟ, ନିଜାମପୁର, ପାରିପଦା, ଶୁଶୁଆ, ବଳରାମପୁର, ସହିମାଡ, କମାରଡିହ ଗାଁର ଲକ୍ଷାଧିକ ଜନସାଧାରଣ ସିଧାସଳଖ ଉପକୃତ ହେବେ। ଉଭୟ ଜିଲ୍ଲାର ଲୋକଙ୍କୁ ବର୍ଷ ତମାମ ଡଙ୍ଗା, ରଶି ଦଉଡି କିମ୍ବା ବାଉଁଶ ପୋଲର ସାହାରା ନେବାକୁ ପଡୁଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ପରେ ଧାର୍ଯ୍ୟ ଅବଧି ମଧ୍ୟରେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ସାଧାରଣରେ ଆଶା ସଞ୍ଚାର ହୋଇଥିଲା। ତେବେ ଠିକାଦାରଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ସେତୁ କାମ ଶେଷ ହେବାରେ ବିଳମ୍ବ ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୭ ବର୍ଷ ପୂରିଲା; ସରୁନି ସଂଯୋଗୀକରଣ ରାସ୍ତା କାମ

ଚାରିନଙ୍ଗଳ ସେତୁ ନିର୍ମାଣ ଶେଷ

ଜମି ଅଧିଗ୍ରହଣ ସମସ୍ୟା, କେବେ ହେବ ସମାଧାନ

**ବାଲିଚନ୍ଦ୍ରପୁର, ୧୫।୩(ସମିସ):** ସେତୁ ନିର୍ମାଣ କାମ ୭ ବର୍ଷ ହେବ ଶେଷ ହେଲାଣି। ତେବେ ଗୋଟିଏ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ନିର୍ମାଣ କାମ ଅଦ୍ୟାବଧି ଆରମ୍ଭ କରାଯାଇନାହିଁ। ଫଳରେ ନିର୍ମାଣ ଶେଷ ହୋଇଥିବା ସେତୁଟି ଜନସାଧାରଣଙ୍କ କୌଣସି କାମରେ ଲାଗୁନାହିଁ। କେବେ ସଂଯୋଗୀକରଣ ରାସ୍ତା ନିର୍ମାଣ ଶେଷ ହେବ ଓ ଲୋକମାନେ ଯାତାୟାତ ସୁବିଧା ପାଇପାରିବେ, ଏନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜମି ଅଧିଗ୍ରହଣ ନେଇ ସମସ୍ୟା ଥିବାରୁ ସଂଯୋଗୀକରଣ ରାସ୍ତା ହୋଇପାରୁ ନ ଥିବା ଜଣାପଡ଼ିଛି। କେବେ ଏହାର ସମାଧାନ ହେବ, ସେ ନେଇ ସ୍ଥାନୀୟ ଅଞ୍ଚଳବାସୀ ସନ୍ଦେହ ମଧ୍ୟରେ ଅଛି। ବିଭାଗୀୟ ଅଧିକାରୀ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ସୂଚନା ମୁତାବକ, ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାଉଡିଆପଦା-ବାଉଜଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଜନସାଧାରଣଙ୍କ ଯାତାୟାତର ସୁବିଧା ପାଇଁ ଚାରିନଙ୍ଗଳଠାରେ ୧୫ କୋଟି ଟଙ୍କା ବ୍ୟୟରେ ବିଭାଗ ପକ୍ଷରୁ ୨୦୧୪ରେ ବିରୂପା ନଦୀ ଉପରେ ସେତୁ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। ତେବେ ସେତୁ ନିର୍ମାଣ କାମ ୨୦୧୭ରୁ ଶେଷ ହେଲାଣି। ହେଲେ ଏହି ସେତୁର ଦକ୍ଷିଣ ପାର୍ଶ୍ୱର ସଂଯୋଗୀକରଣ ରାସ୍ତା (ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାରୁ ସେତୁ ପର୍ଯ୍ୟନ୍ତ) ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହେବା ତ ଦୂରର କଥା ଆରମ୍ଭ ବି କରାଯାଇନାହିଁ। ତେବେ ଏହା ପଛରେ ଥିବା ମୁଖ୍ୟ କାରଣର ସମାଧାନ ଆଜି ପର୍ଯ୍ୟନ୍ତ ହୋଇ ନ ପାରିବାରୁ ଏଭଳି ସମସ୍ୟା ଏଠାରେ ଲାଗି ରହିଛି ବୋଲି କୁହାଯାଉଛି। ଏହି ସେତୁର ଦକ୍ଷିଣ ପାର୍ଶ୍ୱରୁ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତାର ଲମ୍ବ ୨୫୦ ମିଟର ରହିଛି। ତେବେ ଯେଉଁ ଜମି ଦେଇ ସଂଯୋଗୀକରଣ ରାସ୍ତା ଯାଉଛି, ସେହି ଜମି ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କର। ଜମି ମାଲିକମାନେ ଏଥିପାଇଁ ଅର୍ଥ ଦାବି କରିଥିଲେ। ସେତୁ ନିର୍ମାଣର ଶେଷ ପର୍ଯ୍ୟାୟ ପରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ଏ ନେଇ ପ୍ରଶାସନ ଅବଗତ ହେବା ପରେ ଜମି କିସମ ହିସାବରେ ଜମି ମାଲିକଙ୍କୁ ଅର୍ଥ ପ୍ରଦାନ କରିଥିଲେ। ଜମି ଅର୍ଥ ପ୍ରଦାନ ପରେ ବି ପୁଣି ଏକ ସମସ୍ୟା ମୁଣ୍ଡ ଟେକିଥିଲା। ତାହା ହେଉଛି ଯେଉଁମାନେ ଅଧିକ ଅର୍ଥ ପାଇଲେ ସେହି ଜମି ପାଖରେ ଥିବା ଅନ୍ୟ ମାଲିକଙ୍କୁ କମ୍ ଟଙ୍କା ପ୍ରଦାନ କରାଗଲା। ଏଥିପାଇଁ କମ୍ ଅର୍ଥ ପାଇଥିବା ମାଲିକ ଜମି ଦେବାକୁ ରାଜି ହେଲେନାହିଁ। ଏସବୁ ସମସ୍ୟା ଫଳରେ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରୁନାହିଁ କି ଏହି ସେତୁଟି କାହା ସ୍ୱାର୍ଥରେ ଆସୁନାହିଁ। ଏ ନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜମି ମାଲିକଙ୍କ ଜମି କିସମ ହିସାବରେ ସେମାନଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ଯେଉଁ ଜମି ଘରବାଡି କିସମ ରହିଛି, ସେହି ମାଲିକଙ୍କୁ ଅଧିକ ଟଙ୍କା ଓ ଯାହାଙ୍କ ଜମି ଚାଷ ଜମି କିସମ ରହିଛି ସେମାନଙ୍କୁ କମ୍ ଟଙ୍କା ପ୍ରଦାନ କରାଯାଇଛି। ଏହି ଦୁଇ କିସମ ଜମି ପାଖାପାଖି ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି ବୋଲି ଇଂ ଶ୍ରୀ ସେଠୀ କହିଛନ୍ତି। ତେବେ ଏଭଳି ସମସ୍ୟାରେ ତୁରନ୍ତ ସମାଧାନ କରି ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ ପୂର୍ବକ ସେତୁ ସଂଯୋଗୀକରଣ ରାସ୍ତା ପୂର୍ଣ୍ଣାଙ୍ଗ କରିବାକୁ ସାଧାରଣରେ ଦାବି କରାଯାଇଛି।



## ବଢ଼ିଲାଣି ଖରା, ବଢୁଛି ପାନୀୟଜଳ ସମସ୍ୟା

# ଜଳଛତ୍ର କେନ୍ଦ୍ର ଖୋଲିବାକୁ ଦାବି

**କବାଟବନ୍ଧ, ୧୫।୩ (ସମିସ):** ଏବେ ମାର୍ଚ୍ଚ ମାସ ଆରମ୍ଭ ହୋଇଛି। କିନ୍ତୁ ଏବେଠାରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳିଲାଣି। ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା ହୋଇନାହିଁ। ଧର୍ମଶାଳା ବ୍ଲକର ମର୍ଜିତାପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ଚକ୍ରଧରପୁର, ଅଞ୍ଜିରା, ରେଖିଦେଇପୁର, ଏଣ୍ଡଳବା ପଞ୍ଚାୟତ ଆଦି ୧୧ ଓ ୧୨ ନମ୍ବର ଜୋନ୍‌ର ବିଭିନ୍ନ ସ୍ଥାନରେ ତୁରନ୍ତ ଜଳଛତ୍ର କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମଋତୁ ସାଙ୍ଗକୁ ପୂର୍ବରୁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଳ ସଙ୍କଟ ସମସ୍ୟା ରହିଛି। ତାପମାତ୍ରା ଏବେ ଉପରମୁହାଁ। ଉକ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଥିବାବେଳେ ଏବେ ଏହା ଉତ୍କଟ ରୂପ ଧାରଣ କରିବ। ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ କେତେକ ନଳକୂପ ମଧ୍ୟ ଅଚଳ ହୋଇ ପଡ଼ିରହିଥିବା ଅଭିଯୋଗ ହେଉଛି। ଏଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଖରାପ ହୋଇ ପଡ଼ିରହିଥିବା ନଳକୂପଗୁଡ଼ିକୁ ମରାମତି କରି ବିଭିନ୍ନ ଛକ, ବଜାର, ସାପ୍ତାହିକ ହାଟ, ଆଦି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲିବାକୁ ଜନସାଧାରଣ ଦାବି କରିଛନ୍ତି।

## ପିଇବା ପାଣି ସଙ୍କଟ

# ରାସ୍ତା ଅବରୋଧ ପରେ ତତ୍ପର ହେଲା ପ୍ରଶାସନ

**କାଳିଆପାଣି, ୧୫।୩(ସମିସ):** ଗତକାଲି ପିଇବା ପାଣି ପାଇଁ ରାଁସୋଳ ପଞ୍ଚାୟତ କାଟେପୂର୍ତ୍ତିନଗରର ମହିଳା ଗ୍ରାମ୍ୟ ସଡ଼କକୁ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ। ମହିଳାମାନଙ୍କ କହିବା ଅନୁଯାୟୀ ପ୍ରାୟ ୨୦ଟି ପରିବାରର ଲୋକେ ଖରାଦିନେ ପିଇବା ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଶେଷରେ ଅତିଷ୍ଠ ହୋଇ ଗତକାଲି ବସ୍ତିର ମହିଳାମାନେ ଟାଟା-ନଗଡ଼ା ରାସ୍ତା ଉପରେ ପଥର ପକାଇ ଦୀର୍ଘ ସମୟ ଧରି ଅବରୋଧ କରି ରଖିଥିଲେ। କାଳିଆପାଣି ପୁଲିସ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ସ୍ଥାନୀୟ ଶ୍ରମିକ ନେତା ନାରାୟଣ ଧୀର ମେଗା ପାନୀୟ ଜଳ ପ୍ରକଳ୍ପ ଅଧିକାରୀଙ୍କୁ ଯୋଗାଯୋଗ କରିବା ପରେ ଆଜି ସକାଳୁ ଏହି ବସ୍ତିର ୨୦ଟି ପରିବାର ପାଇଁ ପାଇପ ସଂଯୋଗ କରିବା ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ କରାଯାଇଛି।



ବିଭାଗୀୟ କର୍ମଚାରୀଙ୍କ କହିବା ଅନୁଯାୟୀ ଆସନ୍ତା ସୋମବାର ସୁଦ୍ଧା ସମସ୍ତ ପରିବାରକୁ ପାଇପ ଯୋଗେ ପିଇବା ପାଇଁ ପାଣି ପହଞ୍ଚାଇ ଦିଆଯିବ। ଖଣି ଅଞ୍ଚଳରେ ପ୍ରାୟ ସମସ୍ତ ଗ୍ରାମବାସୀଙ୍କୁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଗତବର୍ଷଠାରୁ ସ୍ୱଚ୍ଛ ପାନୀୟ ଜଳ ଘରକୁ ଘର ଯୋଗାଇ ଦିଆଯାଉଛି। ମାତ୍ର ଉକ୍ତ ବସ୍ତିର ୨୦ଟି ପରିବାରକୁ ଏହା ସଂଯୋଗ କରାଯାଇ ନ ଥିଲା। ଯଦ୍ୱାରା ଏହି ପରିସ୍ଥିତି ଉପୁଜିଥିଲା। ଯାହା ତୁରନ୍ତ ସମାଧାନ କରାଯିବାକୁ କାର୍ଯ୍ୟ ଆରମ୍ଭ କରାଯାଇଛି।

# କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ ସାମ୍ବାଦିକ

**ଯାଜପୁର ଟାଉନ, ୧୫।୩(ସମିସ)**




ବିଭିନ୍ନ ଦାବି ନେଇ କଳାବ୍ୟାଜ୍ ପିନ୍ଧି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି ଗଣମାଧ୍ୟମ ପ୍ରତିନିଧି। ଓଡ଼ିଶା ସାମ୍ବାଦିକ ୟୁନିଅନ ଆହ୍ୱାନ କ୍ରମେ ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ କର୍ମକର୍ତ୍ତା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ଉପସଭାପତି ରାଜୀବ ମହାନ୍ତି, ସଂଗଠନ ସମ୍ପାଦକ ତପନ କୁମାର ମହାନ୍ତି, ଯୋଜନା ସମନ୍ୱୟ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, ଶୃଙ୍ଖଳା କମିଟି ଅଧ୍ୟକ୍ଷ ଅଜୟ କୁମାର ରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିରଜା ପ୍ରସାଦ ପାଣି, ଉପସଭାପତି ପରମେଶ୍ୱର ବେଉରିଆ, ସମ୍ପାଦକ ସମର ବିଜୟ ଶରଣ, ବରିଷ୍ଠ ସଦସ୍ୟ ଅଜୟ କୁମାର ରାଉଳ, ଅନୀଲ କୁମାର ପଣ୍ଡା, ଅକ୍ଷୟ କୁମାର ବିଶ୍ୱାଳ, ବିଶ୍ୱଜିତ ରଣା, ଶିଶିର ରଞ୍ଜନ ମାନ୍ଧାତା, କୋଷାଧ୍ୟକ୍ଷ ମହେଶ୍ୱର ସାହୁ, ସୁରେନ୍ଦ୍ର କୁମାର ସାମଲ, ମାନସ ରଞ୍ଜନ ତ୍ରିପାଠୀ, ଦେବେନ୍ଦ୍ର ପାଢ଼ୀ, ଶକ୍ତିସୌରଭ ମହାପାତ୍ର, ସନ୍ତୋଷ ପଣ୍ଡା, ମନୋଜ ରଣା, ଆଦିତ୍ୟ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ବିଭୂତି ଭୂଷଣ ଖଣ୍ଡେଇ, ଗୋପୀନାଥ ଦାଶ, ମଧୁସ୍ମିତା ଦାଶ, ସଞ୍ଜିବ ନାୟକ, ସରୋଜ କାହାଳ ପ୍ରମୁଖ ପ୍ରତିବାଦରେ ସାମିଲ ହେବା ସହ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# କଳା ବ୍ୟାଜ୍ ପିନ୍ଧିଲେ ସାମ୍ବାଦିକ

**ବାଲିଚନ୍ଦ୍ରପୁର, ୧୫।୩(ସମିସ):** ଓଡ଼ିଶା ସାମ୍ବାଦିକ ସଂଘର ନିର୍ଦ୍ଦେଶକ୍ରମେ ବାଲିଚନ୍ଦ୍ରପୁର ପ୍ରେସ୍ ଫୋରମ ପକ୍ଷରୁ ବାଲିଚନ୍ଦ୍ରପୁର ବଜାରସ୍ଥ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରେସ୍ ଫୋରମ୍‌ର ସଭାପତି ଜୟନ୍ତ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଆଲୋକ ପ୍ରଧାନ, ସମ୍ପାଦକ ରାକେଶ କୁମାର ବାରିକ, କୋଷାଧ୍ୟକ୍ଷ ନାରାୟଣ ସାହୁ, ବିକାଶ ରଞ୍ଜନ ବଳ, ନିବାରଣ ସାହୁ, ଶିବପ୍ରସାଦ ସାମଲ, ସଞ୍ଜୟ କୁମାର ବାରିକ, ଶୁଭକାନ୍ତ ସାହୁ, ପ୍ରଦୀପ ମହାରଣା, ପ୍ରତାପ ସେନାପତି, ସେକ୍ ସଲିମୁଦ୍ଦିନ ମହମ୍ମଦ, ଏକାଦଶୀ ସେଠୀ, ସତ୍ୟାନନ୍ଦ ମଲ୍ଲିକ, ସତ୍ୟବ୍ରତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




## ଉତ୍କଳ ସାମ୍ବାଦିକ ସଂଘ ଜେନାପୁର ଶାଖା ପକ୍ଷରୁ ବିକ୍ଷୋଭ

**କବାଟବନ୍ଧ, ୧୫।୩( ସମିସ):** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ନିର୍ଦ୍ଦେଶରେ ଶୁକ୍ରବାର ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଞ୍ଚଳରେ ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟରତ ସଦସ୍ୟ କଳା ବ୍ୟାଜ୍ ପିନ୍ଧିବା ସହ ନିରବ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜେନାପୁର ଶାଖା ପକ୍ଷରୁ ସ୍ଥାନୀୟ କନ୍ତପଡ଼ା ଛକ ନିକଟରେ ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଅଧିକାର ଦାବି କରାଯାଇଥିଲା। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡାଙ୍କ ନେତୃତ୍ୱରେ ସାମ୍ବାଦିକ ବାବୁଲି, ଚିତ୍ରସେନ ନାଥ, ଅସିତ କୁମାର ନାୟକ, ଅମର ଭୂୟାଁ, ବିନୟ ଜେନାମଣି, ନିଷ୍କାନ୍ତ ଖଟୁଆ, ଅଶୋକ ଦାସ, ସୁନୀଲ ପାଢ଼ୀ, ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ।

# ମହାବାରୁଣୀ ସ୍ନାନ ନିମନ୍ତେ ପ୍ରସ୍ତୁତି ବୈଠକ

**ଯାଜପୁର, ୧୫।୩(ସମିସ)**




ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଚଳିତ ବର୍ଷ ଏପ୍ରିଲ ୬ ତାରିଖ ଶନିବାର ଦିନ ମହାବାରୁଣୀ ସ୍ନାନ ପଡ଼ିବ। ପବିତ୍ର ମହାବାରୁଣୀ ସ୍ନାନ ନିମନ୍ତେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ପ୍ରଶାସନ ଓ ଯାଜପୁର ପୌର ପ୍ରଶାସନ ଅଧିକାରୀ ଯୋଗ ଦେଇଥିଲେ। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ନାନ ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ, ସ୍ନାନ ସ୍ଥାନକୁ ଜଳଯୋଗାଣ, ସ୍ନାନ ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଶାନ୍ତି ଶୃଙ୍ଖଳାର ସହ ଦିଅଁ ଦର୍ଶନ, ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ସୁଗମ ଯାତାୟାତର ସୁବିଧା ପାଇଁ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ବାରିକେଟିଂ ନିର୍ମାଣ, ବିଜୁଳି ଆଲୋକ, ପାନୀୟ ଜଳ ଯୋଗାଣ, ଦୁଇଟି ଅଗ୍ନିଶମ ସେବା ଦଳ ଦୁଇପଟ ସ୍ନାନ କୂଳରେ ମୁତୟନ କରିବା, ଯାନ ରହଣୀ ସ୍ଥାନ ନିରୂପଣ କରିବା, ଅସ୍ଥାୟୀ ଶୌଚାଳୟ ନିର୍ମାଣ, ଅସ୍ଥାୟୀ ଆଶୁ ଚିକିତ୍ସା ବ୍ୟବସ୍ଥା ଓ ଦୁଇଟି ଆମ୍ବୁଲାନ୍ସ ନିୟୋଜନ, ହଜିଲା ଖୋଜିଲା ଡାକବାଜି ଯନ୍ତ୍ର ବ୍ୟବସ୍ଥା ଓ ପରିଷ୍କାର ପରିଚ୍ଛନ୍ନତା ନିମନ୍ତେ ଜିଲ୍ଲାପାଳ ଡା. ମହାପାତ୍ର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ବୈଠକ ପ୍ରାରମ୍ଭରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଆଗାମୀ ମହାବାରୁଣୀ ସ୍ନାନର ପାରମ୍ପରିକ ରୀତିନୀତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସତ୍ୟବ୍ରତ ଲେଙ୍କା, ପୌର ପରିଷଦ ନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତି ଯୋଗ ଦେଇଥିବାବେଳେ ପାଣିକୋଇଲି ଗ୍ରାମ୍ୟ ଜଳଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିକ୍ରମାଦିତ୍ୟ ପ୍ରଧାନ, ଯାଜପୁର ଜନସ୍ୱାସ୍ଥ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କ୍ଷୀରୋଦ ଚନ୍ଦ୍ର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୋନାଲି ବେହେରା, ସହକାରୀ ଅଗ୍ନିଶମ ସେବା ଅଧିକାରୀ ଦାଶରଥି ନାୟକଙ୍କ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ଦଳାଇ, ଯାଜପୁର ଉପଖଣ୍ଡ ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଇଂ ଶରତ ଚନ୍ଦ୍ର ଘଡାଇ, ଏଡିପିଏଚ୍‌ଓ ଡା. ରମେଶ ଚନ୍ଦ୍ର ମଲ୍ଲିକ, ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।



# ସଙ୍କଟମୋଚନଙ୍କ ଜନ୍ମୋତ୍ସବ

**ପାଣିକୋଇଲି, ୧୫।୩(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହିଠାରେ ସଙ୍କଟମୋଚନଙ୍କ ଜନ୍ମୋତ୍ସବ ଉପଲକ୍ଷେ କଳସ ଯାତ୍ରା ପରେ ବିଶ୍ୱଶାନ୍ତି ଯଜ୍ଞ ଜାରି ରହିଛି। ଏହା ୩ ଦିନ ଧରି ଚାଲିବ। ପରମାନନ୍ଦ ଶତପଥୀ, ରଘୁନାଥ ପାଢ଼ୀ, ରାଧାକାନ୍ତ ଶତପଥୀ ପ୍ରମୁଖ ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିବାବେଳେ କର୍ତ୍ତା ଭାବେ ଦେବଦତ୍ତ ସେନାପତି, ରଞ୍ଜନ ଗିରି, ଅଶୋକ ସେନାପତି ପ୍ରମୁଖ ସସ୍ତ୍ରୀକ କାର୍ଯ୍ୟ ଭାର ତୁଲାଉଛନ୍ତି। ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଦେବଦତ୍ତ ସେନାପତିଙ୍କଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ରାଜପଥ ପାଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳ, ଯୁବ ସାମ୍ବାଦିକ ପ୍ରଦୀପ ମାଝୀ, ଯୁବନେତା କରୁଣାକର ମାଝୀ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ନାରାୟଣ ମାଝୀ, ରାଜଶ୍ରୀ ଗିରି, ହରେକୃଷ୍ଣ ଶିଅଳ, ମାନଗୋବିନ୍ଦ ମାଝୀ, ରମେଶ ସାହଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବନେତା ଗଦାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ

**ଯାଜପୁର, ୧୫।୩(ସମିସ):** ବିଶ୍ୱ କିଡ୍‌ନୀ ଦିବସ ଅବସରରେ କଳିଙ୍ଗନଗରସ୍ଥ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ କିଡ୍‌ନୀ ଚିକିତ୍ସା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। କିଡ୍‌ନୀ ରୋଗ ପ୍ରତିରୋଧ, ବିପଦ ଓ ଉପଲବ୍ଧ ଚିକିତ୍ସା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ଅଧିବେଶନରେ ଡାଏଲିସିସ୍ ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ପ୍ରାୟ ୬୦ ଜଣ ଅଂଶଗ୍ରହଣ କରିଥିଲେ। କିଡ୍‌ନୀର ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଧିବେଶନରେ ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଗୋପାଳ ଚରଣ ଦାସ, ମେଡିକାଲ ଅଧୀକ୍ଷକ ଜିଆଇ ସର୍ଜରୀ ବିଭାଗ ଡାକ୍ତର ସୁଧାଂଶୁ ଶେଖର ସୂତାର, ଜରୁରିକାଳୀନ ଓ କ୍ରିଟିକାଲ୍ କେୟାର ବିଭାଗ ମୁଖ୍ୟ ଡାକ୍ତର ସ୍ମୃତିରଞ୍ଜନ ମୁଦୁଲି ଓ ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ଦେବାଶିଷ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ଟିଏସ୍ ମେଡିକାର ଫିଜିଓଥେରାପିଷ୍ଟ ପ୍ରୀତିଚନ୍ଦା ଓ ଟିଏସ୍ ମେଡିକାର ଡାଏଟିସିଆନ୍ ରୁକ୍‌ସାନା ମଧ୍ୟ ଅଂଶଗ୍ରହଣକାରୀଙ୍କୁ ବ୍ୟବହାରିକ ପରାମର୍ଶ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

# ଶ୍ରେଣୀଗୃହ ପୁନରୁଦ୍ଧାର ପାଇଁ ଶିଳାନ୍ୟାସ



**ବାଲିକୁଦା, ୧୫।୩(ସମିସ):** ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଶ୍ରେଣୀଗୃହର ପୁନରୁଦ୍ଧାର ପାଇଁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ବୈଷୟିକ ପରାମର୍ଶଦାତା ଶୁଭେନ୍ଦୁ ବରାଳ, ବ୍ଲକ ବୈଷୟିକ ପରାମର୍ଶଦାତା ମାନସ ରଞ୍ଜନ ସାହୁ, ସରପଞ୍ଚ ରାଜକିଶୋର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ମହାନ୍ତି, ଗୌରାଙ୍ଗ ଚରଣ ଦାସ, ଜଗତ ପ୍ରସାଦ ମହାନ୍ତି, ଅନସର ଖାଁ, ବାବାଜୀ ପରିଡ଼ା, ଶୁଭେନ୍ଦ୍ର ଦାସ, ରମାକାନ୍ତ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାବିର ଖାଁ, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ କଳାମୋତିଆ ସପ୍ତାହ ପାଳନ



**ଜଗତସିଂହପୁର, ୧୫।୩(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହଠାରେ ବିଶ୍ୱ କଳାମୋତିଆ ସପ୍ତାହ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୧୦ ତାରିଖରୁ ୧୬ ତାରିଖ ଏହି ସପ୍ତାହ ପାଳନ କରାଯାଉଛି। ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବସନ୍ତ କୁମାର ବାରିକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଅଭିଭାଷଣରେ ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ଚକ୍ଷୁର ଯତ୍ନ ବିଷୟରେ ସଚେତନ କରିବା ଓ ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ଲୋକମାନଙ୍କ ମନରେ ଥିବା ଅନ୍ଧ ବିଶ୍ୱାସକୁ ଦୂରେଇବା ଓ ଆଖି ଏକ ମୂଲ୍ୟବାନ ଅଙ୍ଗ, ତେଣୁ କିଛି ବି ଆଖିର ସମସ୍ୟା ଦେଖାଦେବା ସଙ୍ଗେ ସଙ୍ଗେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ଏହି କଳାମୋତିଆ ହବାର ବିଭିନ୍ନ କାରଣ ସମ୍ପର୍କରେ କହିଥିଲେ। ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା ସୁନେତ୍ର ପ୍ରୋଗ୍ରାମରେ ମାଗଣାରେ ଚକ୍ଷୁ ପରୀକ୍ଷା, ଅସ୍ତ୍ରୋପଚାର ଓ ଚଷମା ଇତ୍ୟାଦି ଯୋଗାଇ ଦିଆଯାଉଅଛି ବୋଲି ସୂଚନା ଦେଇଥିଲେ। ଚକ୍ଷୁ ବିଶେଷଜ୍ଞ ଡାକ୍ତର ପୂର୍ଣ୍ଣିମା ନନ୍ଦ ଏ ବର୍ଷର ବାର୍ତ୍ତା 'ଏହି ଉଜ୍ଜ୍ୱଳ ଦୁନିଆକୁ ଉପଭୋଗ କରିବା ପାଇଁ ଆମ ଚକ୍ଷୁର ଯତ୍ନ ନେବା' ଉପରେ ବକ୍ତବ୍ୟ ରଖିଥିଲେ। ମୋତିଆବିନ୍ଦୁ ହେଲେ ଅସ୍ତ୍ରୋପଚାର କରି ଦୃଷ୍ଟିଶକ୍ତି ଫେରେଇ ଆଣିହୁଏ, କିନ୍ତୁ କଳାମୋତିଆ ଏମିତି ଏକ ଚକ୍ଷୁ ସମସ୍ୟା ଯଦି ସଅଳ ଚିକିତ୍ସା କରାନଯାଏ ତେବେ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରେଇବାକୁ ପଡ଼ିଥାଏ ବୋଲି କହିଥିଲେ। ଜିଲ୍ଲା ସ୍ତରରୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଜିଲ୍ଲା ସ୍ତରରୁ ଆସିଷ୍ଟାଣ୍ଟ ମ୍ୟାନେଜର ଅନିତା ଦାଶ, ମହିମା ଓ ନାରାୟଣୀ ସ୍କୁଲ ଅଫ ନର୍ସିଂର ପ୍ରିନସିପାଲ ଏବଂ ଛାତ୍ରଛାତ୍ରୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

# ମହନ୍ତ ହୃଦୟଚୈତନ୍ୟ ଦାସଙ୍କ ସ୍ମରଣ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୫।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ପଟ୍ଟାମୁଣ୍ଡାଇ ରାଧାରମଣ ମଠର ୧୦୮ ମହନ୍ତ ହୃଦୟଚୈତନ୍ୟ ଦାସଙ୍କ ୩୨ତମ ସ୍ମରଣ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି ଓ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ରାଧାରମଣଜୀଉ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ପ୍ରଭୁ ହନୁମାନଜୀଉ, ଗୋପେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା ଓ ଏଇ ଅବସରରେ ଚତୁର୍ଥ ପ୍ରହର ନାମଯଜ୍ଞ, ଗୋପାଳ ସହସ୍ର ନାମ, ବ୍ରାହ୍ମଣ ବୈଷ୍ଣବ ସେବା, ନାମ ସଂକୀର୍ତ୍ତନ, ଭଜନ ଜଣାଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସାଧୁ ତ୍ୟାଗୀ ରାଘବାନନ୍ଦ, ପୂର୍ବତନ ବିଧାୟକ କିଶୋର ତରାଇ, ବାବାଜୀ ପ୍ରହଲ୍ଲାଦ ଦାସ, ଗୌରାଙ୍ଗ ଦାସ, ନରୋତ୍ତମ ଦାସ, ଦିନହରି ଦାସ, ସୁଖରାମ ଦାସ, ଗୋବିନ୍ଦ ଦାସ, ପ୍ରେମାନନ୍ଦ ବ୍ରହ୍ମଚାରୀ, ଅନାଦି ଦାସ, ଭାବଗ୍ରାହୀ ଦାସ, ନିତାଇ ଗୌର ଦାସ, ଗୌରହରି ଦାସ, ପ୍ରେମସ୍ୱରପ ଦାସ, ମାତା ବୈଦେହୀ, ପଣ୍ଡିତ ଶ୍ୟାମ ପ୍ରସାଦ ନନ୍ଦ, ପଣ୍ଡିତ ଦେବବ୍ରତ ଦେବତା, ପଣ୍ଡିତ ଗଙ୍ଗାଧର ମିଶ୍ର, ବିଭୁ ପ୍ରସାଦ ରଥ, ପଣ୍ଡିତ ଅଦୈତ ଶତପଥୀ, ପୁରୁଷୋତ୍ତମ ବେହେରା, ଭୁଦେବ ପଡ଼ିଆରୀ, ପଣ୍ଡିତ ବୈକୁଣ୍ଠ ଦାଶ ପୁଷ୍ପରାଜ ମହାପାତ୍ର, ଗୀତାରାଣୀ ପଣ୍ଡା, ପ୍ରକାଶ ଶତପଥୀ ପ୍ରମୁଖ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ଓ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରାକାର ପଣ୍ଡା, ଅମ୍ବୁଜ ଭୂଷଣ ନାୟକ, ମୃତ୍ୟୁଞ୍ଜୟ ସୂତାର, ରତ୍ନେଶ ସାହୁ ଓ ରାଧାରମଣ ପ୍ରସାଦ ପରିଚାଳନା କରିଥିଲେ।

## ମହିଳାଙ୍କୁ ସ୍ୱାବଲମ୍ବୀ କରିଛି 'ମିଶନ ଶକ୍ତି'

# ମହାବୀର ପ୍ରଡ୍ୟୁସର୍ସ ଗ୍ରୁପ୍ ହାତବୁଣା ସାମଗ୍ରୀର ଚାହିଦା ବଢୁଛି

**ଡେରାବିଶ, ୧୫।୩(ସମିସ)**

ଡେରାବିଶ ବ୍ଲକ ଯଁଅାରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ବାରିମୂଳ ଗ୍ରାମର ୨୫ ଜଣ ମହିଳାଙ୍କୁ ନେଇ ଗଠିତ ହୋଇଛି ମହାବୀର ପ୍ରଡ୍ୟୁସର୍ସ ଗ୍ରୁପ୍। ଏହି ମହିଳାମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ମିଶନଶକ୍ତି ଜରିଆରେ ଆରମ୍ଭ କରିଛନ୍ତି ବିଭିନ୍ନ ପ୍ରକାର ସିଲେଇ କାର୍ଯ୍ୟ। ଏହି ଗ୍ରୁପର ମହିଳା ପ୍ରତ୍ୟେକ ଦିନ ସେମାନଙ୍କର ଗୃହ କାର୍ଯ୍ୟ ସାରି ୨ରୁ ୩ ଘଣ୍ଟା ଏହି ପ୍ରଡ୍ୟୁସର୍ସ ଗ୍ରୁପରେ ବିତାଇଥାନ୍ତି। ସେଠାରେ ସେମାନେ ବ୍ଲାଉଜ୍, ଶାୟା, ଝିଅପିଲାମାନଙ୍କର ପୋଷାକ, ପ୍ୟାଣ୍ଟ, ତକିଆ ଖୋଳ ତିଆରି କରିଥାନ୍ତି। ଏଥିସହିତ ଚାଦୁଆ ଓ ଶାଢ଼ୀ ଏବଂ ବେଡ୍ ସିଟରେ ହାତବୁଣାରେ ଏମ୍ବ୍ରୋଡୋରୀ କରିଥାନ୍ତି। ଏହି ଗ୍ରୁପର ସଭାପତି ହରପ୍ରିୟା ପରିଡ଼ା ଓ ସମ୍ପାଦିକା ମନୋରମା




ଶତପଥି କୁହନ୍ତି ଆମେ ଆମର ଅବସର ସମୟରେ ଏହି ବୁଣାବୁଣି କାର୍ଯ୍ୟ କରିଥାଉ। ଆମ ଗ୍ରୁପ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ନିକଟସ୍ଥ ବଜାର ଓ ଦୋକାନ ମାନଙ୍କରେ ନେଇ ବିକ୍ରି କରିଥାଉ। ଆମ ହାତବୁଣା ଜିନଷ ଖୁବ୍ ମଜଭୁତ୍ ଓ ଭଲ କପଡ଼ାରେ ତିଆରି ହେବା ସହ ବଜାର ଦରଠାରୁ ଅପେକ୍ଷାକୃତ ଶସ୍ତା ହୋଇଥିବାରୁ ବଜାର ଚାହିଦା ରହିଛି। ଏହା ଆମକୁ ରୋଜଗାରକ୍ଷମ କରିବା ସହିତ ସଶକ୍ତୀକରଣ ହେବାରେ ସହାୟକ ହୋଇଛି। ଆମ ଗ୍ରୁପର ସଦସ୍ୟାମାନେ ମିଶନ ଶକ୍ତି ମାଧ୍ୟମରେ ତାଲିମ ନେଇଥିବାବେଳେ ଆମେ ଆମ ଗ୍ରୁପରେ ଆଗକୁ ଆହୁରି ଅଧିକ ମହିଳାଙ୍କୁ ସମ୍ପୃକ୍ତ କରି ବହୁ ଅଧିକ ସାମଗ୍ରୀ ଉତ୍ପାଦନ କରିବା ସହିତ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିବାକୁ ଆମର ଲକ୍ଷ୍ୟ ରହିଛି ବୋଲି ହରପ୍ରିୟା କହିଛନ୍ତି। ଗତ କିଛିଦିନ ହେବ ଆମ ସଦସ୍ୟାମାନେ ବ୍ଲକ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପର ସଦସ୍ୟା ତଥା ଜଣେ ଦକ୍ଷ ଏମ୍ବ୍ରୋଡୋରୀ କାରିଗର ରେଶମା ବିବିଙ୍କଠାରୁ ଏମ୍ବ୍ରୋଡୋରୀର କଳାକୌଶଳ ଶିକ୍ଷାଲାଭ କରିଥିବାବେଳେ ସ୍ଥାନୀୟ ଲିଲିପ୍ରଭା ସାହୁ ମଧ୍ୟ ବିଭିନ୍ନ ଡିଜାଇନ୍ ପୋଷାକ ସିଲାଇର କଳାକୌଶଳ ଶିଖାଇ ଆସୁଛନ୍ତି।

# ଜଳକଷ୍ଟ ଭୋଗୁଛନ୍ତି ୧୧ ନମ୍ବର ୱାର୍ଡବାସୀ

**ରାଜକନିକା, ୧୫।୩(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ନମତରା ପଞ୍ଚାୟତର ଏଗାର ନମ୍ବର ୱାର୍ଡବାସୀ ଏବେ ପାଇପ୍ ପାଣିରୁ ଦୀର୍ଘବର୍ଷ ହେବ ବଞ୍ଚିତ ହୋଇ ରହିଛନ୍ତି। ଫଳରେ ୱାର୍ଡବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁସାରେ ଏହି ୱାର୍ଡ଼ରେ ସମୁଦାୟ ୬୦ ପରିବାରର ପ୍ରାୟତଃ ୫୦୦ଶହରୁ ଅଧିକ ଲୋକ

**● ନମତରା ପଞ୍ଚାୟତ**

ବାସ କରନ୍ତି।ହେଲେ ଏଠାରେ ସବୁଦିନ ଜଳ କଷ୍ଟ ଭୋଗୁଛନ୍ତି ଲୋକେ।ହାତ ଗଣତି କେତୋଟି ନଳକୂପ ଥିଲେ ବି ତାହା ଲୋକଙ୍କ ଆବଶ୍ୟକତା ପୂରଣ କରି ପାରୁନି। ତେଣୁ ନଳକୂପ ପାଖରେ ଦିନ ରାତି ଧାଡ଼ି ବାନ୍ଧି ପାଣି ସଂଗ୍ରହ କରିବାକୁ ପଡ଼ିଥାଏ। ଏମିତିକି ପାଣି ମାଠିଏ ପାଇଁ ଘଣ୍ଟା ଘଣ୍ଟା ଧରି ମହିଳାମାନେ ଅପେକ୍ଷା କରି ଥାଆନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏଠାରେ ରହିଛି ୨୦୧୮ ମସିହାରେ ନିର୍ମିତ ଏକ ଲକ୍ଷେ ଲିଟର ବିଶିଷ୍ଟ ପାଣିଟାଙ୍କି ଥାଇ ବି ନ ଥିଲା ପରି ରହିଛି। ନିର୍ଦ୍ଦିଷ୍ଟ କେତୋଟି ୱାର୍ଡବାସୀଙ୍କୁ ପାଣି



ଯୋଗାଉ ଥିଲେ ବି ୧୧ନମ୍ବର ୱାର୍ଡବାସୀ ଏଥିରୁ ବଞ୍ଚିତ ହୋଇ ରହିଛନ୍ତି। ପାଇପ୍ ବି ପଡ଼ିଛି। କାଗଜ କଲମରେ ନମତରାର ୧୨ଟି ୱାର୍ଡବାସୀ ପାଇପ୍ ଯୋଗେ ପାଣି ପାଉଛନ୍ତି ବୋଲି ବି ଚର୍ଚ୍ଚା ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ଅଲଗା। ଆଗରୁ ୧୨ ନମ୍ବର ୱାର୍ଡବାସୀ ପାଇପ୍ ପାଣିରୁ ବଞ୍ଚିତ ହେଉଛନ୍ତି ବୋଲି ଖବର ପ୍ରକାଶ ପରେ ବି ବିଭାଗୀୟ ଅଧିକାରୀଙ୍କ ନିରବଦ୍ରଷ୍ଟା ୱାର୍ଡ଼ବାସୀଙ୍କୁ ବ୍ୟଥିତ କରିଛି। ଆଜି ପୁଣି ୧୧ ନମ୍ବର ୱାର୍ଡବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଥିବାର ଜଣାପଡ଼ିଛି। ତେବେ ସରକାରଙ୍କ ପକ୍ଷରୁ ଲକ୍ଷେ ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ବି ଉଠିଛି। ଏଠାରେ ପାଣିର ଆବଶ୍ୟକତା ନିମନ୍ତେ ପୋଖରୀ କି ନଳକୂପର ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ଲୋକମାନେ ହାତଗଣତି ନଳକୂପ ପାଖେ ଅତି ଦୟନୀୟ ସ୍ଥିତିରେ ପାଣି ଆଣିବାକୁ ବାଧ ହେଉଛନ୍ତି। ଚକିତ କଲା ଭଳି କଥା ହେଉଛି ପଞ୍ଚାୟତ ପ୍ରଶାସନ ବି ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱ ଦେଉ ନ ଥିବା ବେଳେ ବିଭାଗୀୟ ଅଧିକାରୀ ବି ଏଥିପ୍ରତି ତିଳେ ମାତ୍ର ନଜର ଦେଉ ନ ଥିବାର ଅଭିଯୋଗ ହେଉଛି। ଯେହେତୁ ଖରା ଦିନରେ ଅଧିକ ପାଣିର ଆବଶ୍ୟକତା ରହିଛି। ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ମରାମତି କରି ପାଣି ଯୋଗାଇ ଦେବାକୁ ଦାବି ହେଉଛି।

# ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କେନ୍ଦ୍ରାପଡ଼ା ଗସ୍ତ

**କେନ୍ଦ୍ରାପଡ଼ା, ୧୫।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ନିର୍ବାଚନ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ଓ ପ୍ରଶିକ୍ଷଣ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଥିରୁମାଲା ନାୟକ। ଆଜି ସେ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିର୍ବାଚନ ପାଇଁ ପ୍ରଦାନ କରାଯାଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ କେନ୍ଦ୍ର ବିଷୟରେ ଜିଲ୍ଲା ପ୍ରଶାସନର ପଦକ୍ଷେପର ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ। ଏହା ସହିତ ଉପସ୍ଥିତ ଥିବା ଜିଲ୍ଲାର ସମସ୍ତ ରିଟର୍ଣ୍ଣିଂ ଅଫିସରମାନଙ୍କ ସହ ମତଦାନ ବିଷୟରେ ଆଲୋଚନା କରିଥିଲେ। ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ମତଦାନକୁ ସଠିକ୍, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣଭାବେ ସମ୍ପନ୍ନ କରିବାକୁ ସମସ୍ତଙ୍କୁ



ଆହ୍ୱାନ ଦେଇଥିଲେ। ପୋଲିଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ସ୍ଥିର କରାଯାଇଥିବା ତୁଳସୀ ମହିଳା ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ସିଟି ଜିଏସ୍‌ଟିର ଡେପୁଟି କମିସନର୍ ଅମରେନ୍ଦ୍ର ମହାଲିକ, ଜିଲ୍ଲା କୋଷାଗାର ଅଧିକାରୀ ପ୍ରମୋଦ କୁମାର ରାଉତ, ଡେପୁଟି କଲେକ୍ଟର, ଜିଲ୍ଲାର ସମସ୍ତ ତହସିଲ୍‌ର ତହସିଲଦାର ପ୍ରମୁଖ ଯୋଗ ଦେଇଥିଲେ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମାଗଣା ଲାପ୍‌ଟପ୍ ବଣ୍ଟନ

**କେନ୍ଦ୍ରାପଡ଼ା, ୧୫।୩(ସମିସ):** ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଷ୍ଟାର ପ୍ରୋଜେକ୍ଟ ୨୦୨୩-୨୪ ତଥା ଓଡ଼ିଶା ସ୍କୁଲ ଶିକ୍ଷା ପ୍ରୋଗ୍ରାମ ପ୍ରାଧିକାରୀ ଅଧିନରେ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାର ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଉଚ୍ଚ ବିଦ୍ୟାଳୟସ୍ତରରେ ପାଠ ପଢୁଥିବା ୨ଜଣ ଦୃଷ୍ଟିବାଧିତ ଛାତ୍ର-ଛାତ୍ରୀଙ୍କୁ ମାଗଣା ଲାପ୍‌ଟପ୍ ବଣ୍ଟନ କରାଯାଇଥିଲା। ସମଗ୍ର ଶିକ୍ଷା ଯୋଜନାର ଜିଲ୍ଲା ସଂଯୋଜକ (ଆନ୍ତର୍ନିବେଶୀ ଶିକ୍ଷା) ବିଜୟ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବଣ୍ଟନ ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଓ ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ସୁଷମା ମହାପାତ୍ର ଉପସ୍ଥିତ ଥିଲେ। ମାର୍ଶାଘାଇ ବ୍ଲକର ଦୃଷ୍ଟିବାଧିତ



ଛାତ୍ର ଉମାକାନ୍ତ ଜେନା, ଗରଦପୁର ବ୍ଲକର ଛାତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କୁ ମାଗଣା ଲାପ୍‌ଟପ୍ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିରେ ବୁଡ଼ି ୩ ବର୍ଷର ଶିଶୁପୁତ୍ର ମୃତ

**ଗରଦପୁର, ୧୫।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ରାଆଁଲୋ ଗ୍ରାମର ବିକ୍ରମ ରାଉତଙ୍କ ପୁଅ ଅଂଶୁମାନ ରାଉତ (୩) ଘର ପାଖ ପୋଖରୀରେ ବୁଡି ମୃତ୍ୟୁବରଣ କରିଛି।ସୂଚନାଯୋଗ୍ୟ ଅଂଶୁମାନ ଆଜି ସକାଳ ୮ ଟା ସମୟରେ ଘର ପାଖରେ ଖେଳୁଥିବା ବେଳେ ହଠାତ୍ କେଉଁଆଡ଼େ ଚାଲିଯାଇଥିଲେ। ଘରଲୋକ ପଡ଼ିଶାଙ୍କ ଘର, ଗାଁର ଅନ୍ୟ ସ୍ଥାନ ଖୋଜା ଖୋଜି କରିବା ପରେ ପ୍ରାୟ ୯ ଟା ସମୟରେ ଘର ପାଖ ପୋଖରୀରେ ଭାସୁଥିବା ଦେଖି ଶିଶୁପୁତ୍ରକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ତେଣ୍ଡାକୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଯାଇଥିଲେ। ଡାକ୍ତର ଶିଶୁପୁତ୍ରକୁ ତୁରନ୍ତ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିଥିଲେ। ମେଡ଼ିକାଲରେ ପହଞ୍ଚିବା ପରେ ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଖବର ପାଇ ତେଣ୍ଡାକୁଡା ସମିତି ସଭ୍ୟ ବାସୁଦେବ ବେହେରା, ସରପଞ୍ଚ ମାନସ ରାଉତ, କଂଗ୍ରେସ ନେତା ଦୀପିକାନ୍ତ କାନୁନଗୋ ପ୍ରମୁଖ ପରିବାରକୁ ଭେଟିଥିଲେ। ଶିଶୁପୁତ୍ରର ମୃତ୍ୟୁକୁ ନେଇ ପରିବାରରେ ଏବଂ ଗାଁରେ ଶୋକର ଛାୟା ଖେଳିଯାଇଛି।

# ପେନ୍‌ସନ୍ ଓ ପ୍ରୋଟେକ୍ସନ ସାମ୍ବାଦିକଙ୍କ ପ୍ରତିବାଦ

**କେନ୍ଦ୍ରାପଡ଼ା, ୧୫।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିଅନ ଓୟୁଜେ ନିର୍ଦ୍ଦେଶରେ ସାମ୍ବାଦିକମାନଙ୍କୁ ପେନସନ ପ୍ରୋକ୍ଟେସନ ଦାବିରେ କଳାବ୍ୟାଚ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ୟୁନିଅନର ସଦସ୍ୟମାନେ ଆଜି କଳାବ୍ୟାଜ ପରିଧାନ କରି କେନ୍ଦ୍ରାପଡ଼ା ସହର ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ, ସୁବାସ, ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନିଜର ହକ୍ ପାଇଁ ପ୍ରତିବାଦ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୟୁନିଅନର ସଭାପତି ପରେଶ ଦାସ, କେନ୍ଦ୍ରାପଡ଼ା ନଗର ଓ ବ୍ଲକ ସଭାପତି ରବି ନାରାୟଣ ପତି, ଗରଦପୁର ବ୍ଲକ ସଭାପତି ସୁବାସ ସାମଲ, ଦୁର୍ଗା ପ୍ରସାଦ ପତି, ସାବିର ଖାନ, ଆଶିଷ ସେନାପତି, ଚିତ୍ତରଞ୍ଜନ ଦାସ, ପ୍ରଫୁଲ୍ଲ ସାହୁ, ନିଳାଦ୍ରୀ ଭୂଷଣ ତ୍ରିପାଠୀ, ଶେଖ ଅଞ୍ଜନ, ଡେରାବିଶ ବ୍ଲକ ସଭାପତି କରୁଣାକର କର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଜ୍ୟୋତିର୍ମୟ ଜେନା, ଜିଲ୍ଲା ସଂଗଠନ ସମ୍ପାଦକ ଧିରେନ ମିଶ୍ର, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସାମିଲ ହୋଇ ପ୍ରତିବାଦ କରିଥିଲେ।




**ମହାକାଳପଡ଼ା:** ମହାକାଳପଡ଼ା ବ୍ଲକର କର୍ତ୍ତବ୍ୟରତ ସାମ୍ବାଦିକମାନେ ସାମ୍ବାଦିକଙ୍କ ସୁରକ୍ଷା ଆଇନ ଏବଂ ବୀମା ରାଶି ବୃଦ୍ଧି, ପେନସନ ପ୍ରଦାନ ଦାବି କରି କଳାବ୍ୟାଜ ପିନ୍ଧିଛନ୍ତି। ମହାକାଳପଡ଼ା ବ୍ଲକ ପରିସର ଗାନ୍ଧୀମୂର୍ତ୍ତି ନିକଟରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସାମ୍ବାଦିକ ସଂଘ ତତ୍ତ୍ୱାବଧାନରେ ମହାକାଳପଡ଼ା ସାମ୍ବାଦିକମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଥିଲେ। ଏଥିରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ନାୟକ, ସାମ୍ବାଦିକ ହେମନ୍ତ କୁମାର ସ୍ୱାଇଁ, ସଞ୍ଜୟ ଦାସ, ଅଶୋକ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, କଳ୍ପତରୁ ସାମଲ, କେଶବ ନାଥ, ପ୍ରତାପ ସ୍ୱାଇଁ, ସମରେନ୍ଦ୍ର ମାହାଳୀ, ବିଘ୍ନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ଅଧାପନ୍ତରିଆ ଅଙ୍ଗନବାଡ଼ି କେନ୍ଦ୍ର; ବଢୁଛି ଅସନ୍ତୋଷ

**ମାର୍ଶାଘାଇ, ୧୫।୩(ସମିସ)**

୩ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କ ପ୍ରାକ୍‌ଶିକ୍ଷା ଓ ଶାରିରୀକ ବିକାଶ ନିମନ୍ତେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଗ୍ରାମାଞ୍ଚଳରେ ମଡଲେ ଅଙ୍ଗନବାଡି କେନ୍ଦ୍ର କରି ଏଥିପ୍ରତି ପିଲାଙ୍କୁ ଆକୃଷ୍ଟ କରାଯାଉଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସ୍ମାର୍ଟ ଅଙ୍ଗନବାଡି କେନ୍ଦ୍ର କରିବାକୁ ଯୋଜନା କରିଥିଲେ ମଧ୍ୟ ଦୀର୍ଘଦିନ ହେଲା ଏହା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ୩ବର୍ଷ ବିତିଯାଇଥିଲେ ମଧ୍ୟ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ ହୋଇରହିଛି। ଏପଟେ କୋମଳମତି ପିଲାମାନେ ସ୍କୁଲ ବାରଣ୍ଡା, ଠାକୁରାଣୀ ପୀଠ ଏବଂ ଘରୋଇ ପିଣ୍ଡାରେ ପ୍ରାକ୍‌ଶିକ୍ଷା ଅବ୍ୟବସ୍ଥିତ ପରିବେଶରେ ଗ୍ରହଣ କରୁଛନ୍ତି।

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପ୍ରାୟତ ଅନେକ ପଞ୍ଚାୟତରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣକାର୍ଯ୍ୟ ଅଧାପନ୍ତରିଆ। ଅଧାପନ୍ତରିଆ ଅଙ୍ଗନବାଡିକେନ୍ଦ୍ର ଓ



ନୂତନ ଅଙ୍ଗନବାଡି ଯୋଜନା ପ୍ରତି ବ୍ଲକ ପ୍ରଶାସନ ଆଦୌ ଗୁରୁତ୍ୱ ଦେଉନାହିଁ। ପେଣ୍ଠ 'କ' ଓ 'ଖ'୨ଟି ଅଙ୍ଗନବାଡି କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ପେଣ୍ଠ 'କ' ଅଙ୍ଗନବାଡି ସ୍କୁଲରେ ଅସ୍ଥାୟୀ ଭାବେ ଚଳାଇଥିବା ବେଳେ ପେଣ୍ଠ 'ଖ' ଅଙ୍ଗନବାଡି ନଳିନୀ ମହାପାତ୍ରଙ୍କ ବାରଣ୍ଡାରେ ଚାଲିଛି।

ମାର୍ଶାଘାଇ ବ୍ଲକର ୨୪ଟି ପଞ୍ଚାୟତରେ ଅଙ୍ଗନବାଡି କେନ୍ଦ୍ର ଯୋଜନା ଅର୍ଥ ସଠିକ୍ ଭାବେ ବିନିଯୋଗ ହୋଇନଥିବା ଜଣାପଡ଼ିଛି। ଅର୍ଦ୍ଧାଧିକ ଅଙ୍ଗନବାଡି କେନ୍ଦ୍ର ଆଦୌ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ସେହିପରି ବନ୍ଧକଟା ଅଙ୍ଗନବାଡି କେନ୍ଦ୍ରଗୃହ ଦୀର୍ଘଦିନ ହେବ ଅଧାପନ୍ତରିଆ ଅବସ୍ଥାରେ ଅଟକିରହିଛି। ଏ ସମ୍ପର୍କରେ ବାରମ୍ବାର ସ୍ଥାନୀୟ ଅଭିଭାବକ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଅଙ୍ଗନବାଡି ଗୃହ ସମସ୍ୟା ଯୋଗୁ କୋମଳମତି ଶିଶୁଙ୍କ ପ୍ରାକ୍ ଶିକ୍ଷା ଓ ମଧ୍ୟାହ୍ନ ଭୋଜନ ଏବଂ ଲାଟିନ୍ ସମସ୍ୟା ନେଇ ଗୁରୁତର ସମସ୍ୟା ଦେଖାଦେଇଛି। ଅଙ୍ଗନବାଡି କେନ୍ଦ୍ର ନିର୍ମାଣକାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବାରମ୍ବାର ଦାବି କରାଯାଉଥିବା ବେଳେ ବ୍ଲକ ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ଶେଷକରିବାକୁ ଗରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି।

# ବସନ୍ତ କୁମାର ବିହାରୀଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା




**କେନ୍ଦ୍ରାପଡ଼ା, ୧୫।୩(ସମିସ):** ଯାଜପୁର ପ୍ରତିଭା ପୂଜା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ସ୍ୱର୍ଗତଃ ବସନ୍ତ କୁମାର ବିହାରୀଙ୍କ ଦ୍ୱାଦଶାହ ଅବସରରେ ତାଙ୍କ ଛୋଟି ଗ୍ରାମସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ କେଶବ ଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସମ୍ପାଦକ ମୁରଲୀଧର ବିଶ୍ୱାଳ, ଶିକ୍ଷାବିତ୍ ରଘୁନାଥ ରାଉତ, ଶିକ୍ଷାବିତ୍ ଦାମୋଦର ମହାନ୍ତି, କବି ଅନାଦି ଚରଣ ଦାସ, କବି ଶୈଳଜା ଶଙ୍କର ସାମଲ, ସମାଜସେବୀ ବାନାମ୍ବର ସେଠୀ, ବୀର କିଶୋର ରାଉତ, ରାମ ନାରାୟଣ ସିଂହ, ଜ୍ଞାନେନ୍ଦ୍ର କୁମାର ବାରିକ, ବେଣୁଧର ନାୟକ, ବାସୁଦେବ ଜେନା, ରାଧା ରମଣ ସିଂହ, ଗଗନ ବିହାରୀ ଜେନା, ଦେବଦାସ ସ୍ୱାଇଁ, ଅଜୟ କୁମାର ସାହୁ ଏବଂ ଶ୍ରୀଧର ଦାଶଙ୍କ ସମେତ ଆତ୍ମୀୟ ସ୍ୱଜନ ଓ ବନ୍ଧୁମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରି ଶ୍ରଦ୍ଧା ନିବେଦନ କରିଥିଲେ। ମହାବୀର ଜେନାଙ୍କ ନେତୃତ୍ୱରେ ଗ୍ରାମର ଯୁବକମାନେ ଏଥିରେ ସହଯୋଗ କରିଥିଲେ।

